୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.73 Bhubaneswar Wednesday April 24 2024 | ୨୬ତମ ବର୍ଷ ସଂଖ୍ୟା-୭୩ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୨୪, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ପ୍ରଦୀପ ସାହୁଙ୍କ ଅଡିଓ ଭାଇରାଲ, କହିଲେ ଚକ୍ରବ୍ୟୁହରେ ଫସିଗଲେ ଶ୍ରୀମୟୀ: ଚକ୍ରବ୍ୟୁହର ମାଷ୍ଟରମାଇଣ୍ଡ କିଏ ?




ଭୁବନେଶ୍ୱର, ୨୩।୪(ପି.ଏନ): ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଖୋର୍ଦ୍ଧା ଓ ବେଗୁନିଆ ବିଧାନସଭା ଆସନର ପ୍ରାର୍ଥୀ ଚୂଡ଼ାନ୍ତ କରିପାରିନଥିବା ବିଜେଡି ନିଜ ଦଳର ଆଗଧାଡିର ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ପାଇଁ ଚକ୍ରବ୍ୟୁହ ରଚିଥିଲା । ବେଗୁନିଆରୁ ବିଜେଡିର ସମ୍ଭାବ୍ୟ ପ୍ରାର୍ଥୀ ଗୌଡରେ ଥିବା ପ୍ରଦୀପ ସାହୁ ଏଭଳି ଚାଂଚଲ୍ୟକର ଟିପ୍ପଣୀ ଦେଇଛନ୍ତି । ପ୍ରଦୀପ ସାହୁଙ୍କର ୬ମିନିଟ୍ ୫୮ସେକେଣ୍ଡର କଥୋପକଥନର ଏକ ଅଡିଓ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ 'ଶ୍ରୀମୟୀ ଚକ୍ରବ୍ୟୁହରେ ଫସିଗଲେ' ବୋଲି ସେ କହିଛନ୍ତି । ମାତ୍ର ବିଜେଡିର ଏହି ପ୍ରଭାବଶାଳୀ ନେତ୍ରୀଙ୍କ ପାଇଁ କିଏ ଚକ୍ରବ୍ୟୁହ ରଚିଥିଲା ଓ ଏହାର ମାଷ୍ଟରମାଇଣ୍ଡ କିଏ, ସେ ସମ୍ପର୍କରେ ପ୍ରଦୀପ କିଛି ମୁହଁ ଖୋଲିନଥିବା ଜଣାପଡିଛି ।ସୂଚନା ଅନୁସାରେ, ବେଗୁନିଆ ବିଧାୟକ ପ୍ରାର୍ଥୀ ଗୌଡରେ ଆଗରେ ଥିବା ପ୍ରଦୀପ ସାହୁ କୌଣସି ଜଣେ ନେତ୍ରୀଙ୍କ ସହ କରୁଥିବା କଥାବାର୍ତ୍ତାର ଅଡିଓ ରେକର୍ଡିଂ ପଦାକୁ ଆସିଛି । ସେଥିରେ ଶ୍ରୀମୟୀ ବିଜେଡିର ଚକ୍ରବ୍ୟୁହରେ ଫସିଗଲେ ଓ କିଛି ଜାଣିପାରିଲେ ନାହିଁ ବୋଲି କହିଛନ୍ତି । ଆଉ ପ୍ରଦୀପ ବିଜେଡି ଟିକେଟ୍ ପାଇବା ନେଇ ତାଙ୍କ 'ବସ୍ ?'ଙ୍କଠୁ ନିର୍ଭର ପ୍ରତିଶ୍ରୁତି ପାଇଥିବା କଥା ମଧ୍ୟ ଏହି ଅଡିଓରୁ ଶୁଣିବାକୁ ମିଳୁଛି । ଏହି ଅଡିଓ ପଦାକୁ ଆସିବା ପରେ ଖୋର୍ଦ୍ଧା ଜିଲ୍ଲା ବିଜେଡି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ତେବେ ପ୍ରଶ୍ନ ଉଠୁଛି, ବିଜେଡିର ସମ୍ଭାବ୍ୟ ସାଂସଦ ପ୍ରାର୍ଥୀ ଶ୍ରୀମୟୀ ମିଶ୍ରଙ୍କ ପାଇଁ ଚକ୍ରବ୍ୟୁହ ରଚିଥିଲା କିଏ ? ଏହି ଚକ୍ରବ୍ୟୁହର ମାଷ୍ଟରମାଇଣ୍ଡ କିଏ ? ଯଦି ପ୍ରଦୀପ ଚକ୍ରବ୍ୟୁହ କଥା ଜାଣିଛନ୍ତି ତା'ହେଲେ ତା'ର ମାଷ୍ଟରମାଇଣ୍ଡ କିଏ ନିଶ୍ଚିତ ଜାଣିଥିବେ ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି । ପ୍ରଦୀପଙ୍କ ଏହି ବୟାନ ଏବେ ଶ୍ରୀମୟୀଙ୍କ କଟା ଘା'ରେ ଚୂନ ଦେବା ସଦୃଶ ହୋଇଛି । ପୂର୍ବରୁ ମଧ୍ୟ ଅନୁରୂପ ବୟାନ ବିଜେଡିର ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ 'ଓଡିଶା ରିପୋର୍ଟର'କୁ ଦେଇଥିଲେ । ବିଜେଡି ତାଙ୍କୁ ପ୍ରାର୍ଥୀ କରିବାର ପ୍ରତିଶ୍ରୁତି ୨୦୨୩ ଏପ୍ରିଲ ମାସରୁ ଦେଇଥିଲା ଓ ଗଣମାଧ୍ୟମ ଏହା ଜାଣିବାରେ ବହୁ ବିଳମ୍ବ କଲା ବୋଲି ମନ୍ମଥ କହିଥିଲେ ।

# ହାତ ଛାଡିଲେ ସୁବର୍ଣ୍ଣପୁର ଜିଲ୍ଲା ଉପସଭାପତି, ଓବିସି ସେଲ୍‌ର ଅଧ୍ୟକ୍ଷ ଓ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ



ବୀରମହାରାଜପୁର, ୨୩।୪(ପି.ଏନ): ରାଜ୍ୟରେ କଂଗ୍ରେସର ଦୁର୍ଗ କ୍ରମାଗତ ଭାବେ ଭୁଶୁଡୁଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ଉପସଭାପତି ରାଜଗୋପାଳ ପାଣିଗ୍ରାହୀ, ଓବିସି ସେଲ୍ ?ର ଅଧ୍ୟକ୍ଷ ହରିହର ପାତ୍ର ଓ ବୀରମହାରାଜପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ପତି ଦଳ ଛାଡିଛନ୍ତି । ଏହି ତିନି ନେତା ନିଜନିଜର ଇସ୍ତଫା ପତ୍ର ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କୁ ପଠାଇଛନ୍ତି ।ଏକଦା ସୁବର୍ଣ୍ଣପୁର ଜିଲ୍ଲାରେ ସମସ୍ତ ଜିଲ୍ଲା ପରିଷଦ ଆସନ ବିଜେଡ଼ି ହାତେଇ ଥିବାବେଳେ ଶ୍ରୀଯୁକ୍ତ ପାଣିଗ୍ରାହୀ ଜଣେ ମାତ୍ର କଂଗ୍ରେସ ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ । ଅତୀତରେ ସେ କେନଝିରିଆପାଲି ପଞ୍ଚାୟତର ସରପଞ୍ଚ ମଧ୍ୟ ଥିଲେ । ଏବେ ସେ କେନଝିରିଆପାଲି ସେବା ସମବାୟ ସମିତିର ଅଧ୍ୟକ୍ଷ ଅଛନ୍ତି ।ଶ୍ରୀ ପତି ବୀରମହାରାଜପୁର ବ୍ଲକର ଦୁଇ ଥର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥିଲେ । ସେହିପରି ଛଅ ମାସ ପୂର୍ବରୁ ବିଜେପି ଛାଡି କଂଗ୍ରେସରେ ଯୋଗ ଦେଇଥିବା ଶ୍ରୀ ପାତ୍ର ମଧ୍ୟ ଦଳ ଛାଡିଛନ୍ତି । ସେ କଂଗ୍ରେସରେ ଜିଲ୍ଲା ଓବିସି ସେଲର୍ ସଭାପତି ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କ ସହିତ ଖଣ୍ଡହତା ପଞ୍ଚାୟତର ପୂର୍ବତନ ସରପଂଚ୍ ନିତ୍ୟାନନ୍ଦ ସାହୁ, ପୂର୍ବତନ ଜିଲ୍ଲା ଓବିସି ସେଲର୍ ଜିଲ୍ଲା ସଭାପତି ପ୍ରେମାନନ୍ଦ ଜଟି ମଧ୍ୟ ଆଗରୁ ଇସ୍ତଫା ପ୍ରଦାନ କରିଛନ୍ତି । ଏମାନେ ସମସ୍ତେ କଂଗ୍ରେସ ଦଳ ଟିକଟ ପାଇଁ ପୂର୍ବତନ ବିଧାୟକ ବିନୋଦ କୁମାର ପାତ୍ରଙ୍କ ସମର୍ଥ ଥିଲେ । ଯୁବ ନେତା ପ୍ରଦୀପ କୁମାର ସେଠୀଙ୍କୁ କଂଗ୍ରେସ ଦଳ ବିଧାୟକ ପ୍ରାର୍ଥୀ କରିଥିବାରୁ ସମସ୍ତେ ଇସ୍ତଫା ପ୍ରଦାନ କରିଛନ୍ତି ।ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଆହୁରି ୫୦ ଜଣ ନେତା ଓ କର୍ମୀ ଦଳରୁ ଇସ୍ତଫା ପ୍ରଦାନ କରିବେ ବୋଲି ଶ୍ରୀ ଜଟି ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଛନ୍ତି । ଇସ୍ତଫା ଦେଇଥିବା ନେତାମାନେ କେଉଁ ଦଳରେ ମିଶିବେ ବୋଲି ପଚାରିବାରୁ ସେ ପ୍ରତିକ୍ରିୟାରେ କହିଛନ୍ତି, ଅପେକ୍ଷା କରନ୍ତୁ । ସମସ୍ତେ ଏକାଠି ବସି ଆଲୋଚନା କଲାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ । ଅନପଟରେ ଏମାନେ ସମସ୍ତେ ବିଜେଡ଼ିରେ ସାମିଲ ହୋଇପାରନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । କାରଣ ବିଗତ ଦିନରେ ବୀରମହାରାଜପୁର ବିଜ୍ଞାପିତ ଅଞ୍ଚଳ ଭାବରେ ଘୋଷଣା ହେବାପରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରାଙ୍କୁ ମୁଖ୍ୟ ଛକଠାରେ ଉତ୍ତରୀୟ ଓ ଫୁଲମାଳ ଦେଇ ସ୍ୱାଗତ କରିଥିଲେ ।

## ୨୫ ବର୍ଷରେ କରିଛ କ'ଣ ? ଅରୁନ୍ଧତୀ ଦେବୀଙ୍କୁ ପଚାରିଲେ ଲୋକେ

ଭୁବନେଶ୍ୱର, ୨୩।୪(ପି.ଏନ): ୨୫ ବର୍ଷରେ କରିଛ କ'ଣ ? ଆଜି ଯାଏଁ କେଉଁଠି ଥିଲ ଆଜି କାହିଁକି ଆସିଛ ଦେବଗଡ ରାଣୀ ତଥା ଛଔଡ଼ ପ୍ରାର୍ଥୀ ଅରୁନ୍ଧତୀ ଦେବୀଙ୍କୁ ଏମିତି ନାନା ପ୍ରଶ୍ନ ପଚାରିଛନ୍ତି ନିଜ ଅଞ୍ଚଳର ପ୍ରଜା । ବିଜେଡି ପାଇଁ ଭୋଟ୍ ମାଗିବାକୁ ଯାଇ ଗାଁ ଲୋକଙ୍କ ପ୍ରଶ୍ନ ବାଣରେ ଘାଇଲା ହୋଇ ଫେରିଛନ୍ତି ରାଣୀ ମାଆ । ଯାହାର ଭିଡିଓ ଏବେ ସୋଶାଲ୍ ମିଡିଆରେ ଭାଇରାଲ୍ ହେଉଛି । ଦିନେ ଯିଏ ରାଣୀ ମାଆ ବୋଲି ମୁଣ୍ଡରେ ବସାଇଥିଲେ ଆଜି ସେହି ପ୍ରଜା ତାଙ୍କର ମଜାକ ଉଡାଉଛନ୍ତି । ଆଉ ମୁହେଁ ମୁହେଁ ସମାଲୋଚନା କରୁଛନ୍ତି ।ଦେବଗଡ଼ ରାଣୀ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଅରୁନ୍ଧତୀ ଦେବୀ । ବିଜେଡିରେ ମିଶିବାର ଗୋଟିଏ ଦିନ ପରେ ପ୍ରାର୍ଥୀ ହୋଇଥିଲେ । ପ୍ରାର୍ଥୀ ହେବା ପରେ ପୁଅ ସହ ମିଶି ପ୍ରଚାର ଆରମ୍ଭ କରିଛନ୍ତି ଅରୁନ୍ଧତୀ ଦେବୀ । କିଛି ଦିନ ତଳେ ସେ ଓ ତାଙ୍କ ପୁଅ ତଥା ଯୁବରାଜ ରିଆମାଳ ବ୍ଲକ୍ ଖଇରପାଲି ଗାଁକୁ ଯାଇଥିଲେ । ରାଣୀ ମାଆ ଆସିଛନ୍ତି ବୋଲି ଭାବି ଗାଁ ଲୋକେ ପ୍ଲାଷ୍ଟିକ୍ ଚେୟାରରେ ଗାଁ ଦାଣ୍ଡରେ ବସାଇଥିଲେ ।

# ଏମ୍ସ ଭୁବନେଶ୍ୱରରେ ଲୋ ଭିଜନ୍ କ୍ଲିନିକ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୩।୪(ପି.ଏନ): ଅତ୍ୟନ୍ତ କ୍ଷୀଣ ଦୃଷ୍ଟିଶକ୍ତି କାରଣରୁ ଦୈନନ୍ଦିନ ଜୀବନରେ ଆସୁଥିବା ଏକାଧିକ ପ୍ରତିବନ୍ଧକ ଏବଂ ପ୍ରତିଘାତ କାରଣରୁ ନିରାଶ ହୋଇପଡିଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏମ୍ସ ଭୁବନେଶ୍ୱର ଆଣିଦେଇଛି ଆଶାର କିରଣ । ଦୃଷ୍ଟି ଶକ୍ତି ଦୁର୍ବଳ ହେତୁ ପ୍ରାୟ ଆଶା ହରାଇଥିବା ରୋଗୀଙ୍କ ଜୀବନକୁ ଆଲୋକିତ କରିବା ଉଦ୍ଦେଶ୍ୟରେ ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗରେ ଉଦ୍‌ଘାଟିତ ହୋଇଛି "ଲୋ ଭିଜନ୍ କ୍ଲିନିକ୍" । ଏହି ବିଶେଷ ଭିଜନ କ୍ଲିନିକ୍ ସାମାଜିକ ଦୃଷ୍ଟିହୀନତା ତଥା ଗ୍ଲୁକୋମା, ବୟସାଧିକ, ମଧୁମେହ, ରେଟିନା ରୋଗ ଏବଂ ଅନ୍ୟାନ୍ୟ ବିଭିନ୍ନ କାରଣରୁ ଦୃଷ୍ଟିଶକ୍ତିହୀନତା ଭୋଗୁଥିବା ରୋଗୀମାନଙ୍କୁ ସେମାନଙ୍କର ସାଧାରଣ ଜୀବନଯାପନ ବ୍ୟବସ୍ଥାକୁ ସାହାଯ୍ୟ କରିବ । ଉପରୋକ୍ତ ଦୃଷ୍ଟିବାଧିତ ରୋଗୀମାନେ ଅସ୍ୱ ?ପଚାର କିମ୍ବା ଅନ୍ୟାନ୍ୟ ଚିକିତ୍ସା ସେବାରୁ କୌଣସି ଲାଭ ପାଇପାରନ୍ତି ନାହିଁ ଏବଂ ସେମାନଙ୍କର ସାମାଜିକ ଜୀବନ ବିଶେଷ ପ୍ରଭାବିତ ହୋଇଥାଏ । ସେମାନେ ସମାଜ ଓ ପରିବାର ଉପରେ ବୋଝ ଭାବି ନିରାଶ ହୋଇପଡିବା ସହିତ ହତାଶା ମଧ୍ୟରେ କାଳାତିପାତ କରନ୍ତି । ରାଜ୍ୟର ଯେକୌଣସି ସରକାରୀ ଅନୁଷ୍ଠାନ ମଧ୍ୟରେ ପ୍ରଥମ ଏହି ଲୋ ଭିଜନ୍ କ୍ଲିନିକ୍ ଉପରୋକ୍ତ ଦୃଷ୍ଟିଶକ୍ତିହୀନ ରୋଗୀଙ୍କ ପାଇଁ ଆଶାର ଏକ ନୂତନ ସୂର୍ଯ୍ୟୋଦୟ ଆଣିଦେବ । ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି କ୍ଲିନିକ୍‌କୁ ଉଦ୍‌ଘାଟନ କରିଥିଲେ । ଡ. ଆର୍ ପି ସେଣ୍ଟର୍, ଏମ୍ସ ନିୟୁଦିଲ୍ଲୀର ଡ. ପ୍ରବୀଣ ବଶିଷ୍ଠ, ଏମ୍ସ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡା, ଡିନ୍ ଡ. ପ୍ରଶାନ୍ତ ରାଘବ ମହାପାତ୍ରଙ୍କ ଉପସ୍ଥିତିରେ ଏହି କ୍ଲିନିକର ଶୁଭାରମ୍ଭ ହୋଇଯାଇଛି ।ଡ. ଆର୍ ପି ସେଣ୍ଟର୍, ଏମ୍ସ ନିୟୁଦିଲ୍ଲୀ ଏବଂ ଜର୍ମାନୀର କ୍ରିଷ୍ଟୋଫେଲ୍ ବ୍ଲିଣ୍ଡେନ୍ ମିସନ୍ (ସିବିଏମ୍)ର ସହଯୋଗରେ ସ୍ଥାପିତ ଏହି କ୍ଲିନିକ୍ ରାଜ୍ୟ ତଥା ପଡଶୀ ରାଜ୍ୟର ରୋଗୀଙ୍କ ପାଇଁ କାର୍ଯ୍ୟ କରିବ । ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗରେ ଦୈନିକ କାର୍ଯ୍ୟକ୍ଷମ ଏହି କ୍ଲିନିକ୍ ଆବଶ୍ୟକ କରୁଥିବା ଲୋକଙ୍କୁ ଦୃଷ୍ଟିଶକ୍ତି ପୁନର୍ବାସ ସେବା ପ୍ରଦାନ କରିବାରେ ସହାୟକ ହେବ ଯାହାକି ସେମାନଙ୍କର ସାଧାରଣ ଜୀବନଯାପନ ପ୍ରଣାଳୀକୁ ସ୍ୱାଭାବିକ କରିବ ।ଚକ୍ଷୁ ବିଭାଗର ଏପରି ପଦକ୍ଷେପକୁ ପ୍ରଶଂସା କରିବା ସହିତ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ କ୍ଲିନିକ୍‌ର ଦୂରଦର୍ଶୀ ପ୍ରଭାବ ଉପରେ ମତ ରଖିଥିଲେ । ନିୟମିତ ରୋଗୀ ପରାମର୍ଶ ଉପରେ ଗୁରୁତ୍ୱ ଦେବା ସହିତ ଏମ୍ସ ନୂଆଦିଲ୍ଲୀକୁ 'ରୋଶନି' ପ୍ରକଳ୍ପ ଅଧୀନରେ ସହାୟତା ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଯୋଜନା ମାଧ୍ୟମରେ ଦେଶର ବିଭିନ୍ନ ଏମ୍ସ ତଥା ପ୍ରତିଷ୍ଠିତ ଚକ୍ଷୁ ସେବା ପ୍ରତିଷ୍ଠାନରେ ଏପରି କ୍ଲିନିକ୍ ? ସ୍ଥାପନ ହେଉଛି । ଏଥିସହିତ ଡ. ବିଶ୍ୱାସ ଆଶା କର୍ମୀ ଏବଂ ସ୍ବେଚ୍ଛାସେବୀମାନଙ୍କୁ ଚକ୍ଷୁ ଯତ୍ନ ସମ୍ବନ୍ଧୀୟ ଜ୍ଞାନ ଆହରଣ ନିମନ୍ତେ ପ୍ରସ୍ତୁତ ତାଲିମ ମାନୁଆଲକୁ ଉନ୍ମୋଚନ କରିଥିଲେ । ରୋଗୀ କଲ୍ୟାଣ ଉପରେ ଏହାର ପ୍ରଭାବକୁ ପ୍ରକାଶ କରିବା ସହିତ ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗ ମୁଖ୍ୟ ଡ. ସୁଚେତା ପରିଜା ଏହି କ୍ଲିନିକ୍‌ର କାର୍ଯ୍ୟକ୍ଷମତା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଏହି କ୍ଲିନିକରୁ ବର୍ତ୍ତମାନ ସୁଦ୍ଧା ୭୫ରୁ ଅଧିକ ରୋଗୀ ଉପକୃତ ହୋଇସାରିଲେଣି । ଆଗାମୀ ଦିନରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ଦୃଷ୍ଟି ପୁନର୍ବାସ ନିମନ୍ତେ ବିଭିନ୍ନ ଦୃଷ୍ଟିହୀନ ବିଦ୍ୟାଳୟଗୁଡିକ ସହିତ ବୁଝାମଣା କରାଯିବ । ସେହିପରି ତୃଣମୂଳସ୍ତରରେ ପ୍ରାଥମିକ ଚକ୍ଷୁ ଚିକିତ୍ସା ପ୍ରଦାନ ନିମନ୍ତେ ଆଶା କର୍ମୀଙ୍କୁ ତାଲିମ ପ୍ରଦାନ ନିମନ୍ତେ ମଧ୍ୟ ଯୋଜନା ରହିଥିବା ଡ. ପରିଜା ସୂଚନା ଦେଇଛନ୍ତି ।ଉଦ୍ଘାଟନୀ କାର୍ଯ୍ୟକ୍ରମରେ ସିଏମ୍ଏଫଏମ୍ ବିଭାଗ ମୁଖ୍ୟ ଡ. ସୋନୁ ସୁବା, ଫିଜିଓଲୋଜି ବିଭାଗ ମୁଖ୍ୟ ଡ. ପ୍ରଣତୀ ନନ୍ଦ, ଡ. ପ୍ରଭାସ ରଂଜନ ତ୍ରିପାଠୀ, ଡ. ମୁକୁନ୍ଦ ସାହୁ, ଡ. ଭାଗବତ ନାୟକ, ଡ. ପ୍ରିୟଦର୍ଶିନୀ ମିଶ୍ର, ଡ. ସନ୍ଦିପ ସାହୁ, ଡ. ବୃତେନ୍ଦୁ ମହାରଣା, ଡ. ବିଜ୍ଞା ପଣ୍ଡା, ରେସିଡେଣ୍ଟ୍ ? ଡାକ୍ତର, ନର୍ସିଂ ଅଧିକାରୀ, କର୍ମଚାରୀ ଏବଂ ସ୍ୱଳ୍ପ ଦୃଷ୍ଟିଶକ୍ତି ରୋଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେଡିରୁ ଇସ୍ତଫା ଦେଲେ ରାସେଶ୍ୱରୀ



ଭୁବନେଶ୍ୱର, ୨୩।୪(ପି.ଏନ): ନିର୍ବାଚନୀ ପ୍ରଚାର ମଧ୍ୟରେ ରାଜନୈତିକ ମାହୋଲ ବେଶ ସରଗରମ ରହିଛି । ଏଥିମଧ୍ୟରେ ବିଜେଡିକୁ ଲାଗିଛି ଶକ୍ତ ଧକ୍କା । ଦଳ ଛାଡିଲେ ସମ୍ବଲପୁର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ । ଏହା ସହ ଦଳର ପ୍ରାଥମିକ ସଦସ୍ୟ ସହ ସମସ୍ତ ପଦରୁ ଇସ୍ତଫା ଦେଇଛନ୍ତି ବୋଲି ସୂଚନା ମିଳିଛି । ଦଳର ସୁପ୍ରିମୋ ନୀବନ ପଟ୍ଟନାୟକଙ୍କ ପାଖକୁ ତାଙ୍କର ଇସ୍ତଫା ପତ୍ର ପଠାଇଛନ୍ତି ।ସମ୍ବଲପୁରରେ ଅଯୋଗ୍ୟ ବ୍ୟକ୍ତିଙ୍କୁ ଟିକେଟ୍ ଦେଇଛି ଦଳ । ଯାହା ସମ୍ବଲପୁରର ଗରିମା ନଷ୍ଟ କରିଛି । ତେଣୁ ସମ୍ବଲପୁରର ସ୍ୱାଭିମାନ ଓ ଅସ୍ମିତା ପାଇଁ ଦଳରୁ ଇସ୍ତଫା ଦେଇଥିବା ଆଜି ପ୍ରେସମିଟ୍ କରି କହିଛନ୍ତି ରାସେଶ୍ୱରୀ । ସମ୍ବଲପୁର ବିଧାନସଭା ଆସନ ପାଇଁ ରାସେଶ୍ୱରୀ ଆଶାୟୀ ଥିବା ବେଳେ ଦଳ ରୋହିତ ପୂଜାରୀଙ୍କୁ ଟିକେଟ୍ ? ଦେଇଛି । ବିଜେଡି ସମ୍ବଲପୁରରୁ ପ୍ରଥମେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଟିକେଟ୍ ଦେଇଥିଲା । ପରେ ପ୍ରସନ୍ନଙ୍କୁ ବଦଳାଇ ରେ ?।ଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ଓହ୍ଲାଇଛି । ସେବେଠୁ ଅସନ୍ତୁଷ୍ଟ ଥିଲେ ରାସେଶ୍ୱରୀ । ପୂର୍ବରୁ ସମ୍ବଲପୁରର ବିଧାୟିକା ଥିଲେ ରାସେଶ୍ୱରୀ ପାଣିଗ୍ରାହୀ । ତାଙ୍କ ବାପା ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କର ସମ୍ବଲପୁରରେ ଦବ୍ ?ଦବା ଥିଲା । କଂଗ୍ରେସର ନେତା ଥିଲେ ଶ୍ରୀବଲ୍ଲଭ ପାଣିଗ୍ରାହୀ ।ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ବିଜେଡିରୁ ଇସ୍ତଫା ଦେବା ପରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଇସ୍ତଫା ଦେବା ପଛର କାରଣ କହିଛନ୍ତି । ସେ କହିଛନ୍ତି, 'ସମ୍ବଲପୁରର ସ୍ୱାଭିମାନ ଏବଂ ଅସ୍ମିତା ପାଇଁ ବିଜେଡି ଛାଡିଛି । ବିଧାୟିକା ଥିବା ବେଳେ ସମ୍ବଲପୁର ପାଇଁ ବହୁତ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି । ୨୦୧୯ରୁ ୨୦୨୪ ବିଧାୟିକା ନଥିଲେ ମଧ୍ୟ ଦଳର ସଙ୍ଗଠନକୁ ଆହୁରି ସୁଦୃଢ କରୁଥିଲି । ସମ୍ବଲପୁର ହେଉଛି ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର । ବିଜେଡି ଯାହାକୁ ଅଯୋଗ୍ୟ ବୋଲି କହିଥିଲା ତାଙ୍କୁ ସମ୍ବଲପୁରରୁ ପ୍ରାର୍ଥୀ କରିଛି । ସମ୍ବଲପୁରରେ କଣ ନେତା ନାହାନ୍ତି ଯେ, ବାହାରୁ ନେତା ଆଣି ପ୍ରାର୍ଥୀ କରିବେ । ସମ୍ବଲପୁରର ଗାରିମା ନଷ୍ଟ ହେଉଛି । ସମାଜସେବା କରୁଥିଲି, କରୁଛି, କରୁଥିବି । ଆଗାମୀ ଦିନରେ କୌଣସି ରାଜନୈତିକ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ରହିବେ ନାହିଁ ବୋଲି ସ୍ପଷ୍ଟ ଭାବେ ମନା କରିଛନ୍ତି । ଏହା ସହ କୌଣସି ଦଳକୁ ଯିବେନାହିଁ କି ପ୍ରାର୍ଥୀ ହେବେ ନାହିଁ ବୋଲି କହିଛନ୍ତି ରାସେଶ୍ୱରୀ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଦଳ ସହିତ ଏତେ ଦିନର ସମ୍ପର୍କ ଥିଲା । ଏବେ ଦଳ ଛାଡିବା ବେଳକୁ କଷ୍ଟ ଲାଗୁଛି । କିନ୍ତୁ ପାର୍ଟି ଅପେକ୍ଷା ମୋ ପାଇଁ ମାଟି ଆଗ । ସମ୍ବଲପୁରର ମାଟିକୁ ଅବମାନନା କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ନ କରି ବ୍ୟକ୍ତିଗତ ଭାବେ ନିଷ୍ପତ୍ତି ନେଇଛନ୍ତି ।

# ତାତି ବଢ଼ାଉଛି ବେଆଇନ ଇଟାଭାଟି: ପ୍ରଶାସନର ରାଜସ୍ୱ କ୍ଷତି, ବଢୁଛି ପ୍ରଦୂଷଣ ଚିନ୍ତା



ବେତନଟୀ, ୨୩।୪(ପି.ଏନ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ତହସିଲ ଅଞ୍ଚଳ ଅଧୀନ ପାଟୁଳିପୁରା ପଞ୍ଚାୟତର ବିଭିନ୍ନ ସ୍ଥାନରେ ତଥା ବୈଶିଙ୍ଗା-ମାଣତ୍ରୀ ରାସ୍ତା ପାର୍ଶ୍ୱରେ ଏକାଧିକ ବେଆଇନ ଇଟାଭାଟି ପୋଡ଼ା ଚାଲିଛି । ବେତନଟୀ ଅଞ୍ଚଳରେ ଲଗାତାର କିଛି ଦିନ ହେବ ତାପମାତ୍ରା ୪୦ ଡିଗ୍ରି ପାଖାପଖି ରହୁଥିବାବେଳେ ଇଟାଭାଟିରୁ ନିର୍ଗତ ନିଆଁ ପ୍ରକୋପରେ ଅସ୍ୱାଭାବିକ ଭାବେ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହୋଉଛି । ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି । ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଇଟାଭାଟି ନିଆଁ ଝାସ ଓ ଧୂଆଁ ଅଞ୍ଚଳବାସୀଙ୍କୁ ଅସ୍ତବ୍ୟସ୍ତ କରିଦେଉଛି । ରାଜସ୍ୱ ବିଭାଗର କୌଣସି କଟକଣାକୁ ଖାତିର ନ କରି ଏହି ଅଞ୍ଚଳରେ ବେଆଇନ ଭାବେ ବ୍ୟବସାୟୀମାନେ ଇଟାଭାଟି ଚଳାଇଥିବା ଅଭିଯୋଗ ହୋଇ ଆସୁଛି । ଅନ୍ୟପଟେ ତହସିଲ ପ୍ରଶାସନର ଉଦାସୀନତା ଯୋଗୁଁ ବେଧଡ଼କ ଇଟାପୋଡ଼ା ଯୋଗୁଁ ବିପୁଳ ରାଜସ୍ୱହାନି ସହ ଲଘୁଖଣିଜ ଦ୍ରବ୍ୟ ଆଇନ ସହ ରାଜସ୍ୱ ଆଇନ ଖୋଲାଖୋଲି ଉଲ୍ଲଂଘନ ହେବାରେ ଲାଗିଛି । ସରକାରଙ୍କ ରାଜସ୍ୱ ଆଇନ ଯେତେ କୋଠର ହେଉଛି ସମ ପରିମାଣରେ ତୃଣମୂଳ ସ୍ତରରେ ରାଜସ୍ୱ ସଂଗ୍ରହ ଆଇନକୁ ଜଳାଞ୍ଜଳି ଦିଆଯାଉଥିବା ଅଭିଯୋଗ ହେଉଛି । ବେଆଇନ କାରବାରକୁ ରୋକିବା ସହ ରାଜସ୍ୱ ସଂଗ୍ରହକୁ ଗୁରୁତ୍ୱ ଦିଆଯିବା ସହ ଜଳ ଜମି ଜଙ୍ଗଲ ଗ୍ରାମ ପରିବେଶ ସୁରକ୍ଷାକୁ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବା ବେଳେ ବେତନଟୀ ତହସିଲ ଅଞ୍ଚଳରେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି । ବେତନଟୀ ତହସିଲ ଅଧୀନ ପାଟୁଳିପୁରା ପଞ୍ଚାୟତରେ ସଠିକ ପରିବେଶ ମଞ୍ଜୁରୀ ନ ଥାଇ ମଧ୍ୟ ଏକାଧିକ ବେଆଇନ ଇଟାଭାଟି ଗଢ଼ି ଉଠିଥିଲା ବେଳେ ରାଜସ୍ୱ ବିଭାଗ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା ରେ ଥିବା ପ୍ରତୀୟମାନ ହେଉଛି । ବେଆଇନ ଇଟାଭାଟି ମାଲିକଙ୍କ ଦବଦବା ସମ୍ମୁଖରେ ତହସିଲ ପ୍ରଶାସନ ନତମସ୍ତକ ହୋଇ ରହିବା ଅଞ୍ଚଳବାସୀଙ୍କୁ ଚକିତ କରିଛି । ସରକାରଙ୍କ ରାଜସ୍ୱ ଆଇନ ମୁତାବକ ଉପରଇଟାଭାଟି ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ ଚିମିନିଭାଟି ପାଇଁ ପ୍ରଦୂଷଣନିୟନ୍ତ୍ରଣ ବୋର୍ଡ ଶ୍ରମବିଭାଗର ମଞ୍ଜୁରୀ ପରିବେଶ ପ୍ରମାଣପତ୍ର ମାଇନିଂପ୍ଲାନ ପ୍ରମାଣପତ୍ର ଏବଂ ଜାନବସତି ମଠ ମନ୍ଦିର ବିଦ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ନିର୍ଦ୍ଧାରିତ ଦୂରରେ ଇଟାଭାଟି ପାଇଁ ନିୟମ ଥିଲା ବେଳେ ସେସବୁକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି ।ସେହିଭଳି ନଦୀ କୂଳରେ ଇଟାଭାଟି ପାଇଁ ନିର୍ଦ୍ଦେଶ ନ ଥିଲେ ମଧ୍ୟ ପ୍ରାୟ ଇଟାଭାଟି ନଦୀ କୂଳରେ ଚାଲିଛି । ଉକ୍ତ ତହସିଲ ଅନ୍ତର୍ଗତ ବୁ ?ାବଳଙ୍ଗ ନଦୀକୁଳିଆ ଗ୍ରାମ ପାଟୁଳିପୁରା ଓ କାଠପାଳ ଅଞ୍ଚଳର ରାସ୍ତା ପାର୍ଶ୍ୱରେ ବେଆଇନଭାବେ ଚିମିନି ଇଟାଭାଟିରେ ବେଆଇନ ଇଟା ପୋଡ଼ା ଚାଲିଛି । ତେବେ ପଡୋଶୀ ବାଲେଶ୍ୱର ଜିଲ୍ଲାରେ ଗଢି ଉଠିଥିବା ଏକାଧିକ ଇଟାଭାଟିକୁ ବେଆଇନ ଦର୍ଶାଇ ଜିଲ୍ଲା ପ୍ରଶାସନ ବନ୍ଦ କରିଦେଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ଏତେ ସଂଖ୍ୟକ ଇଟାଭାଟି କେଉଁ ଆଇନ ବଳରେ ଚାଲିଛି ଓ ତହସିଲ ପ୍ରଶାସନ ପକ୍ଷରୁ କାହିଁକି ପଦକ୍ଷେପ ନିଆଯାଉନାହିଁ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟିକରିଛି ।ତେବେ ଏହି ଅଞ୍ଚଳରେ ଗ ? ଉଠିଥିବା ଚିମିନିଭାଟି ଗୁଡିକ ବେଆଇନଭାବେ ସବୁ ଗାଇଡ଼ଲାଇନକୁ ଉଲ୍ଲଂଘନ କରି ଚାଲିଛନ୍ତି । ସୂଚନା ଅନୁଯାଇ ବେତନଟୀ ତହସିଲ ଅଧୀନ ଉକ୍ତ ଅଞ୍ଚଳରେ ଜଳ ବାୟୁ ପରିବେଶ ସମେତ ଆବଶ୍ୟକୀୟ ପଞ୍ଜୀକରଣ ପ୍ରମାଣ ନଥାଇ ଚିମିନିଭାଟି ଚାଲିଥିବା ବେଳେ ସେଥିପ୍ରତି ମଧ୍ୟ ଅଙ୍କୁଶ ନାହିଁ । ବେଆଇନ ଇଟାଭାଟି ଗୁଡିକରୁ ରୟାଲିଟି ଜରିମାନା ଜଳଭୂମିକର ଇଟାପ୍ରତି ଥିବା ଟ୍ୟାକ୍ସ ଅତି ସ୍ୱଳ୍ପ ପରିମାଣରେ ଓ ତାହା ଇଟାଭାଟି ମାଲିକଙ୍କ ଦୟାରେ ନିର୍ଭର କରୁଛି । ଗୋଟିଏ ପଟେ ପରିବେଶ ପ୍ରଦୂଷଣ ସହ ଏତେ ମାତ୍ରାରେ ବେଆଇନ ଇଟାଭାଟି ଅଞ୍ଚଳରେ ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି କରୁଥିବା ବେଳେ ଇଟାଭାଟିର ଧୂଆଁରେ ଜନଜୀବନ ପ୍ରଭାବିତ ହେବାରେ ଲାଗିଛନ୍ତି । ଅନ୍ୟପଟେ ତହସିଲ ପ୍ରଶାସନର ଉଦାସୀନତା ଯୋଗୁଁ ବେଧଡ଼କ ଇଟାପୋଡ଼ା ଯୋଗୁଁ ବିପୁଳ ରାଜସ୍ୱହାନୀ ସହ ଲଘୁଖଣିଜ ଦ୍ରବ୍ୟ ଆଇନ ସହ ରାଜସ୍ୱଆଇନ ଖୋଲାଖୋଲି ଉଲ୍ଲଂଘନ ହେବାରେ ଲାଗିଛି ।ଉକ୍ତ ଅଞ୍ଚଳର କୌଣସି ଇଟାଭାଟିର ପ୍ରଦୂଷଣ ବୋର୍ଡର ମଞ୍ଜୁରୀ ନାହିଁ ବୋଲି କହିଛନ୍ତି ବାଲେଶ୍ୱର ପ୍ରଦୂଷଣ ବୋର୍ଡର କାର୍ଯ୍ୟରତ ଅଧିକାରୀ । ସେହିଭଳି ଏ ସମ୍ପର୍କରେ ମୟୂରଭଞ୍ଜ ଉପଜିଲ୍ଲାପାଳ ଈଶ୍ୱର ନାୟକଙ୍କୁ ପଚାରିବାରୁ ସେ କହିଥିଲେ କି ପୂର୍ବରୁ ତ ତାଙ୍କ ନିକଟରେ ଇଟାଭାଟି ଚାଲୁଥିବା ନେଇ ସୂଚନା ନଥିଲା ଓ ଏବେ ସମ୍ବାଦ ପ୍ରତିନିଧିଙ୍କ ଠାରୁ ଖବର ପାଇ ସ୍ଥାନୀୟ ତହସିଲଦାରଙ୍କୁ ସଙ୍ଗେ ସଙ୍ଗେ ଘଟଣାସ୍ଥଳକୁ ପଠାଇ ଅନୁସନ୍ଧାନ କରାଉଛି । ପରେ ଆଜି ସୋମବାର ପୂର୍ବାହ୍ନରେ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଇ ତୁରନ୍ତ ବେତନଟୀ ତହସିଲଦାର ସୁରଥ ଚନ୍ଦ୍ର ରାଉତ ଘଟଣାସ୍ଥଳରେ ପହଁଚି ସମସ୍ତ ଇଟାଭାଟି ମାଲିକଙ୍କୁ ସଠିକ କାଗଜପତ୍ର ନେଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଥିବାର ସୂଚନା ମିଳିଛି । ତେବେ ରାଜସ୍ୱବିଭାଗ ପରିବେଶମନ୍ତ୍ରଣାଳୟ ଓଡିଶା ଖଣି ବିଭାଗ ପ୍ରଶାସନ ତୁରନ୍ତ ଦୃଷ୍ଟି ନଦେଲେ ବେତନଟୀ ତହସିଲ ଅଞ୍ଚଳର ପରିବେଶ ଧ୍ୱଂସ ହେବା ସହ ତତଲା କଡେଇରେ ଜନଜୀବନ ହନ୍ତସନ୍ତ ହେବା ସୁନିଶ୍ଚିତ ।

## ବିଜେପିରେ ସାମିଲ୍ ହେଲେ ବରିଷ୍ଠ ନେତା ମହେନ୍ଦ୍ର ନାଥ ସାହୁ

ଭବାନୀପାଟଣା, ୨୩।୪(ପି.ଏନ): କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳର ଜଣାଶୁଣା ବରିଷ୍ଠ ନେତା ମହେନ୍ଦ୍ର ନାଥ ସାହୁ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି,ସେ ବିଜେଡିର ସକ୍ରିୟ ସଦସ୍ୟ ଭାବେ ଶୃଙ୍ଖଳିତ କାର୍ଯ୍ୟ କରି ଆସୁଥିବା ବେଳେ ନେତା ମାନେ ସାଧାରଣ ଜନତାଙ୍କ କଥା ଶୁଣୁନଥିବା ଅଭିଯୋଗ କରି ବିଜେଡିରୁ ଇସ୍ତଫା ଦେଇଥିଲେ, ଆଜି କଲମପୁର ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇ ସେ କହିଥିଲେ କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାରଙ୍କ ଲୋକାଭିମୁଖୀ ଯୋଜନା ସମେତ ଚାଷୀଙ୍କ ପାଇଁ ଯେଉଁ ଉଦ୍ୟମ କରିଛନ୍ତି ତାହା ସ୍ୱାଗତ ଯୋଗ୍ୟ ମୁଁ ସେଥିରେ ଅନୁପ୍ରାଣିତ ବିଜେପିରେ ସାମିଲ୍ ହୋଇଥିବା କହିଛନ୍ତି,ସେ ଦଳରେ ସାମିଲ ହେବା ସମୟରେ ବିଜେପିର କଳାହାଣ୍ଡି ସାଂସଦ ପ୍ରାର୍ଥନୀ ମାଳବିକା ସିଂହଦେଓ ଓ ଅର୍କ କେଶରୀ ସିଂହଦେଓ ଉପସ୍ଥିତ ଥିଲେ, ସୂଚନା ଯେ ଶ୍ରୀ ସାହୁ ଏ ଅଞ୍ଚଳର ଜଣାଶୁଣା ରାଜନିତିଜ୍ଞ,ସେ ପୂର୍ବରୁ ବ୍ଲକ ଅଧ୍ୟକ୍ଷ ସହିତ ବିଭିନ୍ନ ପଦପଦବୀ ମଣ୍ଡନ କରି ସାରିଛନ୍ତି,ମୂଳରୁ କଂଗ୍ରେସର ଜଣେ ପରିଚିତ ଟାଣୁଆ ନେତା ଭାବେ ଅଞ୍ଚଳରେ ଲୋକପ୍ରିୟତା ଅର୍ଜନ କରିଥିବା ବେଳେ ପରବର୍ତ୍ତୀ ସମୟରେ ସ୍ୱଳ୍ପ ସମୟ ବିଜେଡିରେ ଯୋଗଦେଇଥିଲେ,ନିକଟରେ ସେ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ସାମିଲ୍ ହୋଇଛନ୍ତି, ଶ୍ରୀ ସାହୁଙ୍କ ଆଗମନ ପରେ ବିଜେପି ମହଲରେ ସ୍ୱାଗତ କରାଯାଇଛି,ଦୁର୍ବଳ ବିଜେପିକୁ ସଜାଡିବାରେ ଏହି କଲମପୁର ଅଞ୍ଚଳର ଚାଣକ୍ୟ ବୋଲାଯାଉ ଥିବା ନେତା କେତେ ସଫଳ ହେବେ ତାହା ଆଗାମୀ ଦିନରେ ଜଣାପଡିବ,

## ପୁଣି ତାଣ୍ଡବ କରିବ କାଳବୈଶାଖୀ, ୧୫ ଜିଲ୍ଲାକୁ ହାଇ ଆଲର୍ଟ ଜାରି

ଭୁବନେଶ୍ୱର: ଆଜିଠାରୁ ଓଡିଶାରେ ଦେଖାଦେବ କାଳବୈଶାଖୀର ପ୍ରଭାବ । ଏହା ବିଶେଷ କରି ରାଜ୍ୟର ପଶ୍ଚିମ ଓ ଦକ୍ଷିଣ ପଟେ ହେବାର ପାଣିପାଗ ପକ୍ଷରୁ ସୂଚନା ଦିଆଯାଇଛି । ଏ ନେଇ ରାଜ୍ୟର ୧୫ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଏବଂ ଘଡଘଡି ଆଶଙ୍କା ଥିବାରୁ ସତର୍କ ରହିବାକୁ ସୂଚନା ଦିଆଯାଇଛି । ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଜାରି ରହିବ ବୋଲି କହିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । କାଳବୈଶାଖୀ ପରେ ରାଜ୍ୟରେ ଅସହ୍ୟ ଗରମରୁ ଆଶ୍ୱସ୍ତି ମିଳିପାରିବ ବୋଲି ମଧ୍ୟ ପଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।








## ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ।

ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ।

ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# 'ଶିକ୍ଷକ ଗୌରବ' ବନମାଳୀ ବ୍ରହ୍ମଚାରୀ

ବ୍ୟକ୍ତି ସମକାଳର, ବ୍ୟକ୍ତିତ୍ୱ ଚିରକାଳର । ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇପଡେ ସମାଜରୁ ରାଷ୍ଟ୍ରକୁ । ସେହିପରି ଏକ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବନମାଳୀ ବ୍ରହ୍ମଚାରୀ । ଏକାଧାରରେ ସେ ଥିଲେ ପ୍ରବୀଣ ଶିକ୍ଷାବିତ୍, ଅପ୍ରତିଦ୍ୱନ୍ଦ୍ୱୀ ସଂଗଠକ, ସୁସାହିତ୍ୟିକ, ନିଖିଳ ଉତ୍କଳର ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଂଗଠନ ସମ୍ପାଦକ ତଥା ସଭାପତି ଓ ସର୍ବୋପରି ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି । ଜନ୍ମ ନେଇଥିଲେ ୧୯୦୫ ମସିହା ନଭେମ୍ବର ୧୮ ତାରିଖରେ ଓ ଛାଡିଗଲେ ୧୯୮୯ ମସିହା ଜୁନ୍ ୬ ତାରିଖରେ । ତାଙ୍କ ବିୟୋଗରେ ଏକ ଯୁଗର ଅବସାନ ଘଟିଲା । ହେଲେ ଦୀର୍ଘ ୮୪ ବର୍ଷର ସଂଗ୍ରାମୀ ଜୀବନ ଭିତରେ ଅନେକ ଆଲୋକଶିଖା ଏବେବି ଜାଜ୍ଜ୍ୱଲ୍ୟମାନ । ତାଙ୍କରି ସ୍ମୃତିକୁ ଉଜ୍ଜିବୀତ କରି ରଖିବା ଏହି ଆଲେଖ୍ୟର ଉଦ୍ଦେଶ୍ୟ ।

ଏହି ମହାନ ସଂଗ୍ରାମୀ ଓ ଶିକ୍ଷକ ନେତା କେନ୍ଦ୍ରାପଡା ଜିଲ୍ଲା ଦୋହଳି ଗ୍ରାମରେ ଏକ ଗରିବ ବ୍ରାହ୍ମଣ ପରିବାରରେ ପିତା ଶ୍ରୀଚରଣ ପଣ୍ଡା ଓ ମାତା ଶାରୀ ଦେବୀଙ୍କ କୋଳମଣ୍ଡନ କରି ଜନ୍ମଗ୍ରହଣ କରିଥିଲେ । ପିଲା ଦିନର ନାମ ଥିଲା ବନମାଳୀ ପଣ୍ଡା । ବିବାହର ଅଳ୍ପ ବର୍ଷ ପରେ ତାଙ୍କର ଧର୍ମପତ୍ନୀଙ୍କର ଦେହାନ୍ତ ହୋଇଥିଲା । ପରିବାର ଓ ଆତ୍ମୀୟସ୍ୱଜନଙ୍କ ଚାପ ସତ୍ତ୍ୱେ ସେ ଦ୍ୱିତୀୟ ବିବାହ କରିନଥିଲେ ଏବଂ ଆଜୀବନ ବ୍ରହ୍ମଚାରୀର ଜୀବନ କାଟିବା ପାଇଁ ଦୃଢସଂକଳ୍ପ ନେଇଥିଲେ । ଏହି ଘଟଣା ପରେ ସେ ବନମାଳୀ ବ୍ରହ୍ମଚାରୀ ନାମରେ ସୁପରିଚିତ ହୋଇଥିଲେ । ଶିକ୍ଷକ ଭାବେ ନିଜର କର୍ମମୟ ଜୀବନ ବାଙ୍କୀ ବରପଦା ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ କରି ସେତେବେଳେ ଶିକ୍ଷକ ଜାତିର ଦୁରବସ୍ଥା, ପରିଚାଳନା କମିଟିଗୁଡିକର ଅକଥନୀୟ ନିର୍ଯାତନା ଓ ବିଭାଗୀୟ ଉଦାସୀନତାକୁ ମର୍ମେ ମର୍ମେ ଅନୁଭବ କରି କିଛିଦିନ ପରେ ଚାକିରିରୁ ଅବ୍ୟାହତି ନେଇ ଶିକ୍ଷକ ଜାତିର ସୁରକ୍ଷା ପାଇଁ ନେତୃତ୍ୱ ନେବାକୁ ଅଣ୍ଟା ଭିଡି ବାହାରିଥିଲେ । ସେଇ ସ୍ୱପ୍ନକୁ ସାକାର କରିବା ପାଇଁ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଂଗଠନ ସମ୍ପାଦକ ଦାୟିତ୍ୱ ୧୯୫୭ ମସିହାରୁ ୧୯୭୫ ମସିହା ଓ ପରେ ମୃତ୍ୟୁ ପର୍ଯ୍ୟନ୍ତ ଏହି ସଂଘଠନର ସଭାପତି ପଦରେ ରହି ସେ ନିଜର ପାରଦର୍ଶିତା ଓ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । କଟକର ଝାଞ୍ଜିରମଙ୍ଗଳାଠାରେ ସ୍ଥାପିତ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟ ତାଙ୍କ ସ୍ୱପ୍ନର ଫଳଶ୍ରୁତି ଥିଲା କହିଲେ ଭୁଲ୍ ହେବନାହିଁ । ଯାହାକୁ ଏବର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ଏହାକୁ ଏକ ନୂଆ ରୂପ ଦେବାରେ ସକ୍ଷମ ହୋଇଛନ୍ତି ।

୧୯୬୦ ଓ ୧୯୭୦ ଦଶକର କଥା । ସେତେବେଳେ ବେସରକାରୀ ଶିକ୍ଷାନୁଷ୍ଠାନ ଚାକିରି ତାଳଗଛର ଛାଇ ସଦୃଶ ଥିଲା । ସକାଳେ ଥିବା ଚାକିରି ସଞ୍ଜ ବେଳକୁ ନଥିଲା । ଶିକ୍ଷକମାନଙ୍କ ପାଇଁ କୌଣସି ଚାକିରି ସର୍ତ୍ତାବଳୀ ନଥିଲା । ଏଭଳି ପରିସ୍ଥିତିରୁ ଶିକ୍ଷକମାନଙ୍କୁ ଉଦ୍ଧାର କରିବା ପାଇଁ ବନମାଳୀ ବ୍ରହ୍ମଚାରୀ, ଅଧ୍ୟାପକ ଅବନୀ ବରାଳ ଓ କୈଳାସ ମହାପାତ୍ରଙ୍କ ଆହ୍ୱାନରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ, ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ ଓ କଲେଜ ଶିକ୍ଷକ ସଂଘକୁ ନେଇ ୨୭.୭.୧୯୬୯ ମସିହାରେ ଖ୍ରୀଷ୍ଟ କଲେଜ ପରିସରରେ ମିଳିତ ଶିକ୍ଷକ କାର୍ଯ୍ୟାନୁଷ୍ଠାନ କମିଟି ଗଠିତ ହେଲା । ପରେ ୧୯୭୧ ମସିହା ପବିତ୍ର ଗୁରୁଦିବସ ଦିନ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପଠାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଗଠନ ହେଲା । ଏହାର ସଭାପତି ଭାବେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ଓ ସାଧାରଣ ସମ୍ପାଦକ ଭାବେ ଅଧ୍ୟାପକ ଅବନୀ ବରାଳ ନିର୍ବାଚିତ ହୋଇଥିଲେ । ଏମାନଙ୍କୁ ସହଯୋଗ କରିଥିଲେ ରାଜକିଶୋର ପଟ୍ଟନାୟକ, ରାଜକିଶୋର ଭୁଜବଳ, ଅନନ୍ତ କର, ଭଗବାନ ଦାସ, ଅର୍ଜ୍ଜୁନ ଦାଶ, ଶରତ ମହାପାତ୍ର, ଅଧ୍ୟାପକ ଭଗବାନ ଜେନା, ଅଧ୍ୟାପକ ଗୟାଧର ରାଉତ,ଗୌରହରି ଶତପଥୀ, ଗନ୍ଧର୍ବ ଚରଣ ଲେଙ୍କା (ସମସ୍ତେ ଦିବଂଗତ) ଓ ଭୋଳାନାଥ ରାଉତ, ଅଜୟ ସାମଲ, ଦୁର୍ଯ୍ୟୋଧନ ପରିଡା ଏବଂ ତାଙ୍କ ପଛକୁ ବିବେକାନନ୍ଦ ଦାଶ, କିଶୋର ପଣ୍ଡା, ପୀତବାସ ବେହୁରିଆ, ରଘୁନାଥ ସାହୁ, ସଙ୍କର୍ଷଣ ସ୍ୱାଇଁ, ଦାଶରଥି ନାୟକ, ସାରଦା ପ୍ରସନ୍ନ ମହାପାତ୍ର, ବିଜୟ ବିଶ୍ୱାଳ, ନିକୁଞ୍ଜ କିଶୋର ମହାନ୍ତି, ସାରଦା ପ୍ରସନ୍ନ ସିଂହ, ଈଶ୍ୱର ଚନ୍ଦ୍ର ନନ୍ଦ, କୈଳାସ ଦାସ, ନାରାୟଣ ନାୟକ, ଅକ୍ଷୟ ଦାସ, ପ୍ରଫୁଲ୍ଲ ମହାପାତ୍ର, ମହେଶ ଚୌଧୁରୀ, ଓ ଆହୁରି ଅନେକ । ଏମାନଙ୍କ ସାହାଯ୍ୟ ଓ ସହଯୋଗରେ ଶିକ୍ଷକ ମହାସଂଘ କେବଳ ରାଜ୍ୟରେ ନୁହେଁ ସାରା ଦେଶରେ ଏକ ସଂଗ୍ରାମୀ ଜୀବନ୍ତ ଗଣ-ଅନୁଷ୍ଠାନରେ ପରିଣତ ହୋଇଥିଲା ।




ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କ ସମସ୍ୟାର ସମାଧାନ ହେଉ ସେଥିପାଇଁ ସ୍ୱର୍ଗତଃ ବନମାଳୀ ସର୍ବଦା ଚେଷ୍ଟିତ ଥିଲେ । ଏଥିପାଇଁ ଶିକ୍ଷକ ମହାସଂଘର ଡାକରାରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଉତ୍କଳ ସଂଘର ଯୋଗଦାନ ସବୁବେଳେ ଆଗରେ ଥିଲା । ଏହାପଛରେ ଥିଲା ବନମାଳୀ ବ୍ରହ୍ମଚାରୀଙ୍କ ଅଦମ୍ୟ ସାହସ ଓ ସକାରାତ୍ମକ ଦୂରଦୃଷ୍ଟିର ପ୍ରଭାବ । ୧୯୬୯, ୧୯୭୪, ୧୯୮୪, ୧୯୮୯ ମସିହାର ଆନ୍ଦୋଳନ ତାର ଗୋଟିଏ ଗୋଟିଏ ଉଦାହରଣ । ଏହିସବୁ ଆନ୍ଦୋଳନର ଫଳସ୍ୱରୂପ ଶିକ୍ଷକ ସମାଜ ପାଇଥିବା ସୁବିଧା ସୁଯୋଗ ତାଲିକା ବେଶ୍ ଦୀର୍ଘ । ଏହା ଭିତରେ ରହିଛି ପ୍ରଥମ ଶିକ୍ଷା ଆଇନ, ଚାକିରି ଭର୍ତ୍ତି, ଚାକିରି ନିରାପତ୍ତା, ଅବସରକାଳୀନ ସୁବିଧା ଓ ୟୁଜିସି ବେତନ ସଂଶୋଧନ । ଏସବୁ ଭିତରେ ୧୯୭୪ ମସିହାରେ ଶିକ୍ଷକ ସମାଜକୁ ପ୍ରତ୍ୟକ୍ଷ ଅନୁଦାନ ଦେବା ହେଉଛି ଶିକ୍ଷକ ମହାସଂଘର ସର୍ବଶ୍ରେଷ୍ଠ ଅବଦାନ । ଏଥିରେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଅବଦାନ କୌଣସି ଗୁଣରେ କମ୍ ନ ଥିଲା ।

ସଂଗ୍ରାମୀ ଜୀବନ ଭିତରେ ସମାଜସେବାକୁ ସେ ମଧ୍ୟ ସମାନ ଗୁରୁତ୍ୱ ଦେଉଥିଲେ । ଦାନପୁର ପଞ୍ଚାୟତର ସରପଞ୍ଚ ଭାବେ ପ୍ରାୟ ୨୦ ବର୍ଷ କାର୍ଯ୍ୟ କରି ଅନେକ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇ ଜନସାଧାରଣଙ୍କର ପ୍ରଶଂସାଭାଜନ ହେବା ସହ ନିଜର ମୁରବୀପଣିଆ ଜାହିର କରିବାରେ ସଫଳ ହୋଇପାରିଥିଲେ । ଏପରିକି ୧୯୪୨ ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ ଜଣେ ସଚ୍ଚା ଦେଶପ୍ରେମୀ ଭାବେ ନିଜକୁ ପ୍ରତିଷ୍ଠା କରାଇ ନିଜର ତ୍ୟାଗ ଓ ତିତିକ୍ଷା ପ୍ରଦର୍ଶନ କରିଥିଲେ । ଏସବୁ ଭିତରେ ଜଡିତ ରହି ମଧ୍ୟ ସେ ସାହିତ୍ୟ ସାଧନାରୁ ଦୂରେଇ ଯାଇନଥିଲେ । ଶିଶୁ ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଯାଇଛନ୍ତି । 'ହୁକେ ହୋ' ପୁସ୍ତକ ପାଇଁ ସେ ରାଷ୍ଟ୍ରପତି ପୁରସ୍କାର ଓ 'ବନର ମନକଥା' ପାଇଁ ରାଜ୍ୟ ପୁରସ୍କାର ପାଇବା ତାଙ୍କ ସୃଜନଶୀଳତାର ସ୍ୱୀକୃତି କହିଲେ ଅତ୍ୟୁକ୍ତି ହେବନାହିଁ । ଏଥିସହିତ ନିଜର ଅଙ୍ଗେ ନିଭେଇଥିବା ଘଟଣା ସମୂହକୁ ନେଇ ନିଜର ଆତ୍ମଜୀବନୀ ଜଣେ ଶିକ୍ଷକର ନିଜକଥା ୧୯୭୩ ମସିହାରେ ପ୍ରକାଶ କରିଥିଲେ । ଯାହାର ତୃତୀୟ ସଂସ୍କରଣ ମଧ୍ୟ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି । ସେହିପରି ସାମଗ୍ରିକ ଭାବେ ଶିକ୍ଷକ ଜାତି ଓ ସମାଜ ପାଇଁ ତାଙ୍କର କଲ୍ୟାଣକାରୀ କାର୍ଯ୍ୟକୁ ଗୁରୁତ୍ୱ ଦେଇ ୧୯୭୮ ମସିହା ନଭେମ୍ବର ୧୮ ତାରିଖ ତାଙ୍କ ଜନ୍ମଦିନ ଅବସରରେ 'ନୀଳଶୈଳ' ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ତାଙ୍କୁ 'ଶିକ୍ଷକ ଗୌରବ' ଉପାଧିରେ ଭୂଷିତ କରାଯାଇଥିଲା ।

ଆଜି ବନମାଳୀ ବ୍ରହ୍ମଚାରୀ ଆମ ଗହଣରେ ନାହାଁନ୍ତି । ତାଙ୍କ ଅବର୍ତ୍ତମାନରେ ବିରାଟ ଶୂନ୍ୟତା । ସେହି ଶୂନ୍ୟତା ଭିତରେ ଉଙ୍କିମାରୁଛି ସ୍ମୃତିର ପାଦଚିହ୍ନ । ତାରି ଭିତରେ ସେ ଜୀଇଁ ରହିଛନ୍ତି ଓଡିଶାର ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀଙ୍କ ହୃଦୟରେ ଓ ଜୀଇଁ ରହିଥିବେ କାଳକାଳକୁ ।

# ବିଦ୍ୱାନ ବ୍ୟକ୍ତିଙ୍କ ସଂସର୍ଗ ଫଳପ୍ରଦ ହୋଇଥାଏ



ଆଲବର୍ଟ ଆଇନଷ୍ଟାଇନ୍ ଥିଲେ ଦୁନିଆର ସର୍ବଶ୍ରେଷ୍ଠ ବୈଜ୍ଞାନିକ ମାନଙ୍କ ମଧ୍ୟରୁ ଅନ୍ୟତମ । ବିଜ୍ଞାନ କ୍ଷେତ୍ରରେ ତାଙ୍କର ବହୁମୂଲ୍ୟ ପ୍ରତିଭା ଓ ଯୋଗଦାନ ଅବିସ୍ମରଣୀୟ । ଏହି ମହାନ ବୈଜ୍ଞାନିକଙ୍କୁ ନେଇ ଆଜିର ଏ କ୍ଷୁଦ୍ର ଗପଟିଏ । ଦିନକର କଥା ଆପେକ୍ଷିକତା (Relativity) ନାମକ ପଦାର୍ଥ ବିଜ୍ଞାନ ବିଷୟରେ ରିସର୍ଚ୍ଚ କରିବା ସମୟରେ ଆଇନଷ୍ଟାଇନଙ୍କୁ ବଡ ବଡ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଯିବାକୁ ପଡୁଥିଲା । ତାଙ୍କର କାର୍‌ର ଡ୍ରାଇଭର ମଧ୍ୟ ତାଙ୍କ ସହିତ ଯାଉଥିଲା ଏବଂ ତାଙ୍କର ପ୍ରଦତ ସମସ୍ତ ବକ୍ତୃତା ଅତି ମନଧ୍ୟାନ ପୂର୍ବକ ଶୁଣୁଥାଏ । ତାଙ୍କର ବକ୍ତୃତା ଶୁଣି ଶୁଣି ଆଇନଷ୍ଟାଇନ୍ ଦେଇଥିବା ପ୍ରତ୍ୟେକଟି ଶବ୍ଦ ତାର ଶ୍ରୁତିଗର୍ଭରେ ରହିଯାଇଥିଲା । ଦିନକର ଘଟଣା । ଆଇନଷ୍ଟାଇନ୍ କୌଣସି ଏକ ବିଶ୍ୱବିଦ୍ୟାଳୟକୁ ତାଙ୍କର ବକ୍ତୃତା ଦେବାକୁ ଯାଉଥିଲେ । ସେତେବେଳେ ତାଙ୍କର ଡ୍ରାଇଭର କହିଲା ସାର ଆପଣ ଯେଉଁ ବିଷୟରେ ବି ବକ୍ତୃତା ଦେଉଛନ୍ତି ଏହା ଏତେ ସହଜ ହେଉଛି ଯେ ଏହା ଶୁଣିକରି ଯେ କେହି ବି ମନେରଖିପାରିବ ଏବଂ ସହଜରେ ପ୍ରଦାନ କରିପାରିବ ।

ପରଦିନ ଆଇନଷ୍ଟାଇନ୍ ଏପରି ଏକ ବିଶ୍ୱବିଦ୍ୟାଳୟକୁ ଯାଉଥିଲେ ସେଠାକାର ଲୋକ ଯଦିଓ ତାଙ୍କ ନାମ ଶୁଣିଛନ୍ତି ମାତ୍ର ସ୍ୱଚକ୍ଷୁରେ ତାଙ୍କୁ ଦେଖିନାହାଁନ୍ତି । ତେଣୁ ଡ୍ରାଇଭରକୁ ପରୀକ୍ଷା କରିବା ପାଇଁ ସେ ତାଙ୍କ ଡ୍ରାଇଭରକୁ କହିଲେ ଯଦି ତୁମକୁ ବକ୍ତୃତା ଦେବା ଏତେ ସହଜ ଲାଗୁଛି ତେବେ ଆଜି ମୁଁ କାର୍ ଚାଳକ ହେବି ତୁମେ ବକ୍ତୃତା ପ୍ରଦାନ କରିବ । ଡ୍ରାଇଭର ତାଙ୍କର ଏପରି ବଦାନ୍ୟତା ଦେଖି ଖୁସି ହୋଇଯାଇଥିଲା । ଦୁଇଜଣ ନିଜର ଯୋଗ୍ୟତା ଅନୁଯାୟୀ ପୋଷାକ ପିନ୍ଧିଥିଲେ ଏବଂ ବିଶ୍ୱବିଦ୍ୟାଳୟରେ ପହଂଚି ଆଇନଷ୍ଟାଇନ୍ ଓ ପୋଷାକରେ ଥିବା ଡ୍ରାଇଭର ବିନା ପାଠପଢାରେ ଅନର୍ଗଳ ଭାବରେ ତାର ବକ୍ତବ୍ୟ ପ୍ରଦାନ କରିଥିଲା । ସେଠାରେ ଉପସ୍ଥିତ ଥିବା ବଡ ବଡ ପ୍ରଫେସରମାନଙ୍କୁ ଏ ବିଷୟରେ ସାମାନ୍ୟ ସୂଚନା ବି ନ ଥିଲା, ଯେ ବକ୍ତବ୍ୟ ଦେଇଥିବା ବ୍ୟକ୍ତି ଜଣକ ସାମାନ୍ୟ ଡ୍ରାଇଭର ! ବକ୍ତୃତା ଶେଷହେବା ପରେ ଜଣେ ପ୍ରଫେସର ଆଇନଷ୍ଟାଇନ୍ ବେଶରେ ଥିବା ଡ୍ରାଇଭରକୁ ଏକ ପ୍ରଶ୍ନ ପଚାରିଥିଲା, ମାତ୍ର ଡ୍ରାଇଭର ଅତି ଚତୁରତାର ସହ କହିଥିଲା ଏତେ ସାମାନ୍ୟ ପ୍ରଶ୍ନର ଉତର ମୋ ଡ୍ରାଇଭର ଦେଇପାରେ । ପରେ ସମସ୍ତ ପ୍ରଶ୍ନର ଉତର ଡ୍ରାଇଭର ବେଶରେ ଥିବା ଆଇନଷ୍ଟାଇନ୍ ଆରାମରେ ଦେଇଥିଲେ । ପ୍ରତ୍ୟାବର୍ତନ ସମୟରେ ଆଇନଷ୍ଟାଇନ୍ ଉପସ୍ଥିତ ସମସ୍ତ ପ୍ରଫେସରମାନଙ୍କୁ କହିଥିଲେ ବକ୍ତବ୍ୟ ପ୍ରଦାନ କରିଥିବା ବ୍ୟକ୍ତି ତାଙ୍କର ଡ୍ରାଇଭର । ଏହା ଶୁଣି ସମସ୍ତେ ଚକିତ ହୋଇଯାଇଥିଲେ । ଏପରି ସାରଗର୍ଭକ ବକ୍ତବ୍ୟ ବଡ ବଡ ବୈଜ୍ଞାନିକ ବୁଝିବା ପାଇଁ ଅକ୍ଷମ; ମାତ୍ର ସାଧାରଣ ଡ୍ରାଇଭର ଅତି ସହଜରେ କିପରି ବୁଝିପାରିଲା ! ବର୍ତମାନ ପିଲାମାନେ ଜାଣିଲ, ଜଣେ ସାଧାରଣ ଡ୍ରାଇଭରର ଜଣେ ମହାନ ବୈଜ୍ଞାନିକଙ୍କ ସଂସର୍ଗରେ ଆସି ତଥା ରହି ସେ ଏପରି ସମୃଦ୍ଧ ହୋଇପାରିଥିଲା । ତେଣୁ ସଦାସର୍ବଦା ବିଦ୍ୱାନ ବ୍ୟକ୍ତିଙ୍କ ସଂସର୍ଗ ଓ ସଂସ୍ପର୍ଶ ଫଳପ୍ରଦ ହୋଇଥାଏ ।

# ଏଚପିସିଏଲ ପକ୍ଷରୁ ଫକୀରମୋହନ ମେଡିକାଲ କଲେଜକୁ ସିଏଲଆଇଏ ଓ ଏ-ସ୍କାନ ମେସିନ ପ୍ରଦାନ

ବାଲେଶ୍ୱର (ପିଏନ୍)- ରାଷ୍ଟ୍ରାୟତ ତୈଳ ଉଦ୍ୟୋଗ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚପିସିଏଲ) ପକ୍ଷରୁ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲକୁ ରକ୍ତ ପରୀକ୍ଷା ପାଇଁ ଏକ ସିଏଲଆଇଏ ମେସିନ୍ ଓ ଚକ୍ଷୁ ପରୀକ୍ଷା ପାଇଁ ଏ-ସ୍କାନ ମେସିନ ପ୍ରଦାନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ବିଭାଗରେ ସ୍ଥାପିତ ଏହି ମେସିନ୍‌କୁ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ଉଦ୍‌ଘାଟନ କରିଥିଲେ । ଏହା ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତୀ ଯୋଗ ଦେଇ ଏହି ମେସିନ୍ ଦ୍ୱାରା ବାଲେଶ୍ୱର ଜିଲ୍ଲା ସମେତ ଆଖପାଖ ଜିଲ୍ଲା ଓ ପଡୋଶୀ ରାଜ୍ୟର ରୋଗୀମାନେ ଉପକୃତ ହେବେ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ, ମେଡିକାଲ କଲେଜ ସୁପରିଟେଣ୍ଡେଂଟ ଡା. ସୁଜାତା ମିଶ୍ର, ଏଚପିସିଏଲ ଡିଜିଏମ ଶ୍ରୀ ପ୍ରବୀର କୁମାର ରାୟ, ବାଲେଶ୍ୱର ମୁଖ୍ୟ ଡିପୋ ମ୍ୟାନେଜର ଶ୍ରୀ ଗୁରୁବଚନ ସିଂହ, ଏଚପିସିଏଲ ବାଲେଶ୍ୱର ଶାଖା ମ୍ୟାନେଜର ଶ୍ରୀ ମୁକେଶ କୁମାର ଏବଂ ୟୁକୋ ବ୍ୟାଙ୍କ କ୍ଷେତ୍ରୀୟ ମୁଖ୍ୟ ଶ୍ରୀ ଦେବବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇ ସିଏଲଆଇଏ ଓ ଏ-ସ୍କାନ ମେସିନର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ । ବାଲେଶ୍ୱର ମେଡିକାଲ କଲେଜରେ ଏହି ଭଳି ମେସିନର ଆବଶ୍ୟକତାକୁ ହୃଦୟଙ୍ଗମ କରି ସହଯୋଗର ହାତ ବଢାଇଥିବାରୁ ଏଚପିସିଏଲ କର୍ତୃପକ୍ଷଙ୍କୁ ଜିଲ୍ଲାପାଳ ଓ ଉପସ୍ଥିତ ଅଧିକାରୀମାନେ ସାଧୁବାଦ ଜଣାଇବା ସହ ଏହିଭଳି ସହଯୋଗ ଆଗକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ସିଏଲଆଇଏ ମେସିନ ସାହାଯ୍ୟରେ ଏକ ସଙ୍ଗେ ବିଭିନ୍ନ ବର୍ଗର ରକ୍ତ ଓ ଶରୀରରେ ହରମୋନର ମାତ୍ରା ପରୀକ୍ଷା ସ୍ୱଳ୍ପ ସମୟ ମଧ୍ୟରେ କରାଯାଇପାରିବ ବୋଲି ଅଧିକ୍ଷକ ଡାକ୍ତର ମିଶ୍ର ସମସ୍ତଙ୍କୁ ଅବଗତ କରାଇଥିଲେ । ବିଶେଷ କରି ରୋଗର ନିଦାନ ପାଇଁ ସ୍ୱଳ୍ପ ସମୟ ମଧ୍ୟରେ ଟେଷ୍ଟ ରେଜଲ୍ଟ, ସଠିକ ନିରୂପଣ, ଘଂଟା ପ୍ରତି ୧୮୦ଟି ସ୍ୟାମ୍ପଲ ଟେଷ୍ଟ ପ୍ରଭୃତି ବୈଶିଷ୍ଟ୍ୟତା କାରଣରୁ ସିଏଲଆଇଏ ମେସିନ ବ୍ୟସ୍ତବହୁଳ ବାଲେଶ୍ୱର ମେଡିକାଲ କଲେଜ ହସପିଟାଲ ପାଇଁ ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଥିଲା ବୋଲି ଡାକ୍ତର ମିଶ୍ର କହିଥିଲେ । ସେହିପରି ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁର ସଠିକ ନିଦାନ ପାଇଁ ଅଲଟ୍ରାସାଉଣ୍ଡ ଯୁକ୍ତ ଏ-ସ୍କାନ ମେସିନ ମଧ୍ୟ ବେଶ ଉପାଦେୟ ସାବ୍ୟସ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ । ଏହି ଅବସରରେ ଏଚପିସିଏଲ କର୍ତୃପକ୍ଷ ମେସିନ ଦୁଇଟିକୁ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ହସ୍ତାନ୍ତର କରିଥିଲେ । ଏଚପିସିଏଲ କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଏହି ଦୁଇଟି ମେସିନ ପ୍ରଦାନ କରାଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କମ୍ପାନୀ କର୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ । ଏଚପିସିଏଲ ରିଟେଲର ଶ୍ରୀ ଜଗନ୍ନାଥ ସର୍ଭିସ ସେଂଟରର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମହାନ୍ତି କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଓ ଜିଲ୍ଲା ପ୍ରଶାସନର ସହଯୋଗକୁ ପ୍ରଶଂସା କରିଥିବା ବେଳେ ଡିପିଏମ ଶ୍ରୀ ଅନୀଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡା ସଦର ଥାନା ସମ୍ମୁଖରେ ଶ୍ରୀବଳଦେବଜୀଉଙ୍କ ଜମି ଜବର ଦଖଲ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସଦର ଥାନା ସମ୍ମୁଖରେ ଶ୍ରୀବଳଦେବଜୀଉ ମହାପ୍ରଭୁଙ୍କ ଜମି ଜବରଦଖଲ କରି ଜଣେ ବ୍ୟକ୍ତି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ସଦର ଥାନା ସମ୍ମୁଖରେ ବେଆଇନ୍ ଜବରଦଖଲ ଚାଲିଥିବା ବେଳେ ପୋଲିସ କିନ୍ତୁ ନୀରବଦ୍ରଷ୍ଟା ସାଜିଥିଲା । କିନ୍ତୁ ଏ ସମ୍ପର୍କରେ ଶ୍ରୀବଳଦେବଜୀଉ ମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛି । କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତର ସୁବାସ ଦାସ ନାମକ ଜନୈକ ବ୍ୟକ୍ତି ଏହି ବେଆଇନ୍ ଜବରଦଖଲ କରିଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ଏଥିସହ ତାଙ୍କ ନାମରେ ଥାନାରେ ଅଭିଯୋଗ ମଧ୍ୟ କରାଯାଇଛି । ସେହି ସ୍ଥାନରେ ଏକ ଅସ୍ଥାୟୀ ନିର୍ମାଣ କରିବ ବୋଲି ମନ୍ଦିର ପ୍ରଶାସନରୁ ସୁବାସ ଅନୁମତି ଆଣିଥିଲା । କିନ୍ତୁ ସେଠାରେ ପିଲର ଉଠାଇ ସ୍ଥାୟୀ ଘର ଆରମ୍ଭ କରିଥିଲା । ଏ ସମ୍ପର୍କରେ ଜଣାପଡିବା ପରେ ମନ୍ଦିର ପ୍ରଶାସନ ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯାଇଥିଲା ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ଏ ନେଇ ଶ୍ୟାମସୁନ୍ଦରପୁରର ଜଣେ ସମାଜସେବୀ କୁହନ୍ତି ମହାପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ଜମି ଉପରେ କେହି କବଜା କରିବା ଅନୁଚିତ । କାରଣ ଲୋକେ ମହାପ୍ରଭୁଙ୍କ ନାମରେ ଜମି ଦାନ କରନ୍ତି । କିନ୍ତୁ ଯେଉଁ ବ୍ୟକ୍ତି ମହାପ୍ରଭୁଙ୍କ ଜମି ହଡ଼ପ କରିବା ପାଇଁ ଯୋଜନା କରୁଛନ୍ତି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଅନ୍ୟ ଜଣେ ବୁଦ୍ଧିଜୀବୀଙ୍କ କହିବା କଥା ହେଲା ସିଦ୍ଧ ଶ୍ରୀବଳଦେବଜୀଉଙ୍କ ଜମି ସଦର ଥାନା ସମ୍ମୁଖରେ ରହିଛି । ସଦର ଥାନା ପୋଲିସ ଏ ବାବଦରେ ଅବଗତ ଥିଲେ । ପୋଲିସକୁ ପ୍ରଭାବିତ କରି ସୁବାସ କାମ ଆରମ୍ଭ କରିଥିଲେ । ପୋଲିସ ଚାହିଁଥିଲେ କାମ ଆରମ୍ଭ ବେଳେ କାମ ବନ୍ଦ କରି ପାରିଥାନ୍ତା । ହେଲେ ପୋଲିସ ପ୍ରାଥମିକ ପର୍ଯ୍ୟାୟରେ ନିଜ ଆଡୁ ଏହାକୁ ବିରୋଧ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ । ପରେ ଏତଲା ପାଇବା ପରେ ପୋଲିସ କେବଳ ଲୋକଦେଖାଣିଆ ଭାବେ କାମ ବନ୍ଦ କଲା । ଏତଲା ଦିଆଯାଇ ନଥିଲେ ପୋଲିସ ନୀରବ ରହିଥାନ୍ତା । କାରଣ ଜବରଦଖଲକାରୀ ପୋଲିସ ମୁହଁ ବନ୍ଦ କରିବା ପାଇଁ କାରାସାଦି କରିଥିଲେ । ଏ ସଂକ୍ରାନ୍ତରେ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପ୍ରଶାସନର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କୁ ପଚାରିବାରୁ ସେ କହିଲେ ଆମ ନିକଟରେ ପ୍ରଥମେ ଏକ ଅସ୍ଥାୟୀ ନିର୍ମାଣ ପାଇଁ ଶ୍ୟାମସୁନ୍ଦରପୁର ସୁବାସ ଦାସ ନାମକ ଜଣେ ବ୍ୟକ୍ତି ଆବେଦନ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସ୍ଥାୟୀ ନିର୍ମାଣ ଆରମ୍ଭ କଲେ । ସେହି ଜମି ଉପରେ ପିଲର ଉଠି ଯାଇଛି । ଡିପିସି ପଡିବା ବେଳେ ଆମ ନିକଟକୁ ଖବର ଆସିଲା । ଫଳରେ ଆମେ ଥାନାରେ ଏତଲା ଦେଲୁ । ସଦର ଥାନା ପୋଲିସକୁ ଏ ସଂକ୍ରାନ୍ତରେ ପଚାରିବାରୁ ଉତ୍ତର ମିଳିଲା ଜମିଟି ଶ୍ରୀବଳଦେବଜୀଉଙ୍କର ବୋଲି ଆମେ ପ୍ରଥମେ ଜାଣି ନ ଥିଲୁ । ଏତଲା ହେବା ପରେ ଆମେ ଜାଣିଲୁ ଓ ନିର୍ମାଣ କାର୍ଯ୍ୟ ବନ୍ଦ କଲୁ ।

# କର୍ତ୍ତବ୍ୟ ଓ କର୍ମ ହିଁ ମାନସିକତାକୁ ବଦଳାଇ ପାରିବ

ଗୋଳାବନ୍ଧ (ପିଏନ୍): ଓଡିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସଂଯୋଗୀ ସାହିତ୍ୟ ସଂସଦ, କୁଣ୍ଡାପିଠା, କେନ୍ଦୁଝର ତରଫରୁ ବରଗଡ ଜିଲ୍ଲାର ସୁନାମଧନ୍ୟ କବି ଅଲେଖ ମେହେରଙ୍କ ଏକମାତ୍ର ପୁତ୍ର ଶେଖରର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତାଙ୍କ ଦ୍ୱାରା ରଚିତ ପ୍ରାଚୀନ ରୀତିଯୁଗୀୟ ଛନ୍ଦ ଓ ରାଗରାଗିଣୀ ଉପରେ ଆଧାରିତ ଲହୁ ଲୁହର ସ୍ୱାକ୍ଷର ବହନ କରିଥିବା ଛନ୍ଦ କାବ୍ୟ 'ଅଲିଭା ଜ୍ୟୋତି' ପୁସ୍ତକ ଉନ୍ମୋଚନ ଏବଂ 'ସମୟ ସୁଅରେ ଆମ ମାନସିକତା' ବିଷୟବସ୍ତୁର ଆଲୋଚନା ପରେ ମାନବ ସମାଜକୁ ଶୃଙ୍ଖଳିତ କରିବାକୁ ହେଲେ ସମୟକୁ ଦୋଷ ନଦେଇ ନିଜର କର୍ତ୍ତବ୍ୟ ଓ କର୍ମ ଉପରେ ସର୍ବଦା ଗୁରୁତ୍ୱ ଦେବାକୁ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସ୍ଥାନୀୟ ଶୋଭନୀୟ ଶିକ୍ଷାଶ୍ରମ, ଘଟଗାଁ ପରିସରରେ ସଂସଦର ସଭାପତି ଉପେନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ରୂପେ କେନ୍ଦୁଝର ମାଟିର ବିଶିଷ୍ଟ କବି ଚିନ୍ତାମଣି ମହାଳିକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଘଟଗାଁ ବ୍ଲକର ସହ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳ, କବି ରାମଚନ୍ଦ୍ର ସାହୁ, ନିତ୍ୟାନନ୍ଦ ବେହେରା, ସନ୍ତୋଷ କୁମାର ପତି, ବାମନ ଚରଣ ବେହେରା, ହେମନ୍ତ କୁମାର ରଣା ପ୍ରମୁଖ ଯୋଗ ଦେଇ ଶ୍ରୀ ମେହେରଙ୍କ ସ୍ୱରଚିତ ପୁସ୍ତକ ଅଲିଭା ଜ୍ୟୋତିକୁ ଉନ୍ମୋଚନ କରିଥିଲେ । ଅଧ୍ୟାପକ ସରୋଜ କୁମାର ସେମାପତି ପୁସ୍ତକର ସମୀକ୍ଷା କରିଥିବା ବେଳେ କବୟିତ୍ରୀ ସନ୍ତୋଷିନୀ ଗିରିଙ୍କ ସଂଯୋଜନାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରୁ କବି ବନମାଳୀ ଜେନା, ମୁରଲୀଧର ବେହେରା, ନିତ୍ୟାନନ୍ଦ ବେହେରା,ଚିନ୍ତାମଣି ମହାଳିକ, ଉପେନ୍ଦ୍ର ଦାଶ, ଉମାକାନ୍ତ ବେହେରା, ତପନ କୁମାର ଦାଶ, ଅଭୟ କୁମାର ସାମଲ, ରତିନାରାୟଣ ରାଉତ, ପ୍ରତାପ କିଶୋର ରାଉତ, ବାମନ ବେହେରା, ସଂଜୟ କୁମାର ସାହୁ, ରାମଚନ୍ଦ୍ର ସାହୁ, ସନ୍ତୋଷିନୀ ଗିରି, ଜ୍ୟୋସ୍ନାରାଣୀ ଦାଶ, କମଳାକାନ୍ତ ମିଶ୍ର, ରାମଚନ୍ଦ୍ର ସାହୁ, ସନ୍ତୋଷ ପତି ପ୍ରମୁଖ କବିତା ପାଠ କରିଥିଲେ । ପ୍ରାରମ୍ଭରେ ଜଗତ ଜନନୀ ମା' ତାରିଣୀଙ୍କ ଫଟୋଚିତ୍ରରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ, ଧୂପଦୀପ ପ୍ରଜ୍ୱଳନ ପରେ ଅନନ୍ତ ଚରଣ ମୁଦୁଲି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ପାଦକୀୟରେ ବାବୁଲାଲ ପଲେଇ ସମ୍ୟକ୍ ସୂଚନା ଦେଇଥିବା ବେଳେ କମଳାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ କବି, ସାମ୍ବାଦିକ ତଥା ସମାଜସେବୀ ସଂଜୟ କୁମାର ସାହୁ ଓ ଅନୁଷ୍ଠାନର କୋଷାଧ୍ୟକ୍ଷ ସନ୍ତୋଷ କୁମାର ପତି ପରିଚାଳନା କରିଥିଲେ ।

# ରାମନଗରରେ ଚଇତି ଘୋଡ଼ାନାଚ ଓ ରାମଲୀଳା ମଞ୍ଚସ୍ଥ

ଫୁଲନଖରା (ପିଏନ୍)-ସିଏମସି ୫୯ନମ୍ବର ୱାର୍ଡ଼ ତେଲେଙ୍ଗାପେଣ୍ଠ ଅନ୍ତର୍ଗତ ରାମନଗର ଗ୍ରାମରେ ୧୭ତମ ବାର୍ଷିକ ରାମଲୀଳା ଅନୁଷ୍ଠିତ ହୋଇଯାଇଛି । ଚାରିଦିନ ବ୍ୟାପୀ ଅନୁଷ୍ଠିତ ଗ୍ରାମର ଏହି ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଦୁଇ ରାତି ଚଇତି ଘୋଡ଼ାନାଚ ପରିବେଷଣ ହୋଇଥିଲା । ଗାୟକ ଦେବେନ୍ଦ୍ର ବେହେରା ଏବଂ ଗାୟିକା ଦେବକୀ ବେହେରା ଏଥିରେ ଅଭିନୟ କରିଥିଲେ । ପରବର୍ତ୍ତୀ ଦୁଇ ରାତି ରାମଲୀଳା ମଞ୍ଚସ୍ଥ ହୋଇଥିଲା । ରାଧେଶ୍ୟାମ ଯୁଝାରସିଂ ନିର୍ଦ୍ଦେଶିତ ଓ ମା'ଫୁଲକାମା ରାମଲୀଳା ପରିଷଦର କଳାକାରମାନେ 'କୈକେଇ ନୁହେଁ ବିମାତା' ପରିବେଷଣ ହୋଇଥିଲାବେଳେ ଅନ୍ତିମ ରଜନୀରେ ଚୌଦ୍ୱାର ଇନ୍ଦ୍ରାଣୀ ଦେବୀ ରାମଲୀଳା ସମିତିଦ୍ୱାରା ଲଙ୍କା ଦହନ ଓ ସୀତା ଠାବ ମଞ୍ଚସ୍ଥ ହୋଇଥିଲା । ପ୍ରତ୍ୟେକ ଦିନ ସଂଧ୍ୟାରେ ପବିତ୍ର ରାମ ଦରବାର ସଭା ଅନୁଷ୍ଠିତ ହୋଇଥିଲା । ଆଧାତ୍ମିକ ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାମ ଦରବାର ସଭାରେ ଅଭିନେତା ଶ୍ରୀତମ ଦାସ, ୫୮ନମ୍ବର ୱାର୍ଡ଼ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ୫୯ନମ୍ବର ୱାର୍ଡ଼ କର୍ପୋରେଟର ମମତା ମହାନ୍ତି, ଶିକ୍ଷାବିତ ଡଃ. ଶରତକୁମାର ରଥ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ସମାଜସେବୀ ସ୍ୱାଧିନଚେତା ମହାନ୍ତି, ପ୍ରଶାନ୍ତ ଦଳାଇ, ବିକ୍ରମ କେଶରୀ ଶତପଥି, ସମାଜସେବୀ ବ୍ରଜବନ୍ଧୁ ଶତପଥି, ଆଇଆଇସି ସୁଧାଂଶୁ ଜେନା, ପୂର୍ବତନ ସରପଞ୍ଚ ପୀତବାସ ମହାପାତ୍ର, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ସମାଜସେବୀ ସନ୍ତୋଷ କୁମାର ଲେଙ୍କା, ମା'ଫୁଲକମା ରାମଲୀଳା ପରିଷଦ ସଭାପତି ଅଭିରାମ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ରାମଲୀଳା ସଂସ୍କୃତି ବଞ୍ଚିଲେ ସମାଜ ପରିମାର୍ଜିତ ହେବ ବୋଲି ମତ ଦେଇଥିଲେ । ଭାଇଚାରା ସମ୍ପର୍କ ସୁଦୃଢ଼ କରିବା ପାଇଁ ଆଖପାଖ ୧୦ଟି ଗ୍ରାମର ସଭାପତି, ସମ୍ପାଦକ ଏବଂ ମୁରବିମାନଙ୍କ ସହ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ଅଞ୍ଚଳରେ କାର୍ଯ୍ୟରତ ଦକ୍ଷ ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯିବା ସହିତ ବ୍ୟାପକ ବୃକ୍ଷରୋପଣ ପାଇଁ ହିନ୍ଦୁସ୍ତାନ ହେଲପିଙ୍ଗ ହ୍ୟାଣ୍ଡ, ସମାଜସେବା ନିମନ୍ତେ ରଶ୍ମିରଂଜନ ନାୟକ, ରାଜେନ୍ଦ୍ର ବେହେରା, ଗୋ-ସେବକ ଚିନ୍ମୟ ପାତ୍ର, କେଶବଚରଣ ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲାବେଳେ ସମ୍ପାଦକ ଲକ୍ଷ୍ମୀଧର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଗ୍ରାମବାସୀ ତଥା କମିଟି ସଦସ୍ୟମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ହାଇୱା ଧକ୍କାରେ ସ୍କୁଲ ଛାତ୍ର ଗୁରୁତର, ରାସ୍ତା ରୋକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୬ନଂ ୱାର୍ଡର ଗୌଡଗୋପ ଠାରେ ଏକ ହାଇୱା ଧକ୍କାରେ ଜଣେ ସ୍କୁଲ ଛାତ୍ର ଗୁରୁତର ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ ଯେ ଗୌଡଗୋପ ଗ୍ରାମର ମୋଜୋ ଖାନଙ୍କ ପୁଅ ସୁହେଲ ଖାନ ଓରଫ ଫରହାନ (୧୨) ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ସାଇକେଲରେ କାକଟଲକ-ସାନ୍ତସାହି କେନାଲବନ୍ଧ ରାସ୍ତାରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ଗାଡି ତାଙ୍କୁ ଧକ୍କା ଦେଇଥିଲା । ହାଇୱାକୁ ପଛକୁ ଫେରାଇ ଗୁରୁତର ଅବସ୍ଥାରେ ସୁହେଲକୁ ଗାଡି ତଳୁ ବାହାର କରାଯାଇଥିଲା । ପ୍ରଥମେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ । ଖବର ପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ରାସ୍ତାରୋକ କରିଥିବା ଲୋକମାନଙ୍କୁ ବୁଝାଇ ଶୁଝାଇ ରାସ୍ତାରୋକକୁ ହଟାଇ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରି ଥାନାରେ ଅଟକ ରଖିଥିବା ସୂଚନା ମିଳିଛି ।

# ୫-ଟି ସଚିବଙ୍କ ଖୋର୍ଦ୍ଧା ଶିଳ୍ପାଂଚଳ ଗସ୍ତ

ଖୋର୍ଦ୍ଧା,(ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭିକେ ପାଣ୍ଡିଆନ ଖୋର୍ଦ୍ଧା ଶିଳ୍ପାଚଂଳ,ଫୁଡପାର୍କ ଓ ଜୟମଙ୍ଗଳ ଶିଳ୍ପାଚଂଳ ଗସ୍ତ କରି ଶିଳ୍ପଦ୍ୟୋଗୀ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ୫-ଟି ସଚିବ ଶ୍ରୀ ପାଣ୍ଡିଆନ ସମସ୍ତ ସମସ୍ୟାକୁ ତିନିମାସ ମଧ୍ୟରେ ସମାଧାନ କରିବା ପାଇଁ ଶିଳ୍ପ ବିଭାଗ ଓ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ଖୋର୍ଦ୍ଧା ଶିଳ୍ପାଚଂଳର ପ୍ରାୟ ୫୦ ଜଣ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଅନୁଷ୍ଠାନର ସେମାନଙ୍କ ସଂଘର କର୍ମକର୍ତାମାନେ ଆଲୋଚନାରେ ଭାଗ ନେଇଥିଲେ । ଏଥିରେ ବିଜୁଳି ଓ ପାଣି ଯୋଗାଣରେ ଉନ୍ନତି, ଟ୍ରକଗୁଡିକର ପାର୍କିଂ ସମସ୍ୟା,ଶ୍ରମିକ ମାନଙ୍କ ପାଇଁ ରହଣୀ ବ୍ୟବସ୍ଥା, ଟ୍ରାଫିକ ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥାର ଉନ୍ନତି ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ଏହି ବୈଠକରେ ସମସ୍ତ ଶିଳ୍ପାଚଂଳରେ ଦୁଇ ହଜାରରୁ ତିନି ହଜାର ଶ୍ରମିକ ରହିବା ପାଇଁ ରହଣୀର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତି ହୋଇଥିଲା । କୋଭିଡ ମହାମାରୀ ସମୟରେ ଅନେକ ଶିଳ୍ପାନୁଷ୍ଠାନ କ୍ଷତିର ସମ୍ମୁଖିନ ହୋଇଥିବାରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ନିତୀ ଆସିବ ବୋଲି ୫-ଟି ସଚିବ କହିଛନ୍ତି । ବୈଠକରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହା ପରେ ଶ୍ରୀ ପାଣ୍ଡିଆନ ଜୟମଙ୍ଗଳ ଶିଳ୍ପାଚଂଳ ଗସ୍ତ କରି କୋଭିଡ ମହାମାରୀ ସମୟରେ ଚାକିରୀ ଛାଡିଥିବା ଉଚ୍ଚଶିକ୍ଷିତ ଇଂଜିନିୟର ଓ ମ୍ୟାନେଜମେଂଟ ଗ୍ରାଜୁଏଟମାନଙ୍କ ସହ ଆଲୋଚନା କରି ଉଦ୍ୟୋଗ ପ୍ରତିଷ୍ଠା କରି ସେମାନଙ୍କର ଉଦ୍ୟମରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ୫-ଟି ସଚିବଙ୍କ ଏହି ଗସ୍ତରେ ଶିଳ୍ପୋଦ୍ୟୋଗୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଖୁସିର ଲହର ଖେଳି ଯାଇଥିଲା । ସେମାନଙ୍କର ଦୀର୍ଘ ୪୦ ବର୍ଷର ସମସ୍ୟାର ୪୦ ମିନିଟରେ ସମାଧାନ ହୋଇପାରିଛି ବୋଲି ସନ୍ତୋଷ ପ୍ରକାଶ କରିଥିଲେ । ଏହି ଆଲୋଚନାରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ କୁମାର, ଇଡକୋ ପରିଚାଳନା ନିର୍ଦ୍ଦେଶକ ଓ ଜିଲ୍ଲାପାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଅପ୍ରେଲ ୨୪

# ସ୍ୱର୍ଗତଃ ଡାକ୍ତର କମଳା ଦାସଙ୍କୁ ଶ୍ରଦ୍ଧାଞ୍ଜଳି



''ସେ ଏକ ତେଜୋଦୀପ୍ତ ଜୀବନ,
ଜିଜ୍ଞାସାର ଅଗ୍ନିଶିଖା''
ପୁଣ୍ୟାତ୍ମା ଚାଣକ୍ୟ ତାଙ୍କ
ନୀତିବାଣୀରେ ଉଲ୍ଲେଖ କରିଛନ୍ତି :
"ଧନାନି ଜୈବିତଂ
ଶୈବପରାର୍ଥେ ପ୍ରାଜ୍ଞ ସୁଯେତ୍
ସତ୍ ନିମିତତ ବରଂ ତ୍ୟାଗେ
ବିନାଶେ ନିୟତି ସତୀ।"

ଧନ, ଜୀବନ, ଯୌବନକୁ ଯେଉଁମାନେ ନିଜର ନ ମଣି ପରର ସେବାରେ ବିନିଯୋଗ କରନ୍ତି, ସେମାନେ ପୁଣାତ୍ମା, ମହାତ୍ମା, ଦେବାତ୍ମା ଅଟନ୍ତି। ଅନିତ୍ୟ ଏ ସଂସାରର ନିୟମ ବଡ଼ ବିଚିତ୍ର। ତହିଁରେ ମନୁଷ୍ୟ ଜନ୍ମ ମୃତ୍ୟୁର ଚକ୍ର ବି ସେମିତି ଅସମାହିତ ରହସ୍ୟ ହୋଇରହିଯାଇଛି। ମଣିଷ ତା'ର ଜୀବନକାଳ ଭିତରେ ଅଜସ୍ର ଅର୍ଥ, ସମ୍ମାନ, ଉପାଧି ଓ ପ୍ରତିପତ୍ତି ଅର୍ଜନ କରିଥାଏ। ନିର୍ଦ୍ଧନ ବ୍ୟକ୍ତିଟି ବି କିଛି ଯଶ, ଖ୍ୟାତି ଓ ପ୍ରାପ୍ତିର ଅଧୀଶ୍ୱର ହୋଇଥାଏ। କିନ୍ତୁ ଏଇ ବିଚିତ୍ର ନିୟମର ଆଧାରରେ ମଣିଷଟିଏ ସଂସାର ତ୍ୟାଗ କଲାବେଳେ ଶୂନ୍ୟ ହସ୍ତରେ ହିଁ ବାହୁଡ଼ି ଯାଇଥାଏ ପରମାତ୍ମାଙ୍କ ନିକଟକୁ। ତା'ର କାରଣ, ଆସିଲା ବେଳେ ଆତ୍ମାଟି ସାଙ୍ଗରେ କିଛି ଆଣିନଥାଏ। ତେଣୁ ଫେରିଲାବେଳେ ବି ସାଥିରେ ସେ କିଛି ନେଇପାରେନି। କେବଳ ମଣିଷଟିର ଭଲପଣିଆ ଏବଂ ମୂଲ୍ୟବୋଧକୁ ଲୋକମାନେ ସ୍ମରଣ କରନ୍ତି।

ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଭୋଗରାଇ ବ୍ଲକ୍ ବାରବାଟିଆ ଗ୍ରାମରେ ୧୯୪୫ ମସିହାରେ ଡାକ୍ତର କମଳା ଦାସ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବିବାହ ହୋଇଥିଲା ଶଙ୍ଖାରି ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର କାଳି କୁମାର ଦାସଙ୍କ ସହିତ। ୬୦ ଦଶକରେ ତତ୍କାଳୀନ ରକ୍ଷଣଶୀଳ ସମାଜରେ ସ୍ଥାନୀୟ ହାଇସ୍କୁଲକୁ ପାଠପଢ଼ିବା ପାଇଁ ସେ ସାଇକେଲରେ ଯାଉଥିଲେ। ତାଙ୍କୁ ଦେଖିବା ପାଇଁ କୌତୂହଳବଶତଃ ଅନେକ ରାସ୍ତାରେ ଅପେକ୍ଷା କରି ରହୁଥିଲେ। ସେତେବେଳେ ନାରୀଶିକ୍ଷାର ପ୍ରଚାର ପ୍ରସାର ସେତେଟା ନ ଥିଲା। ତାଙ୍କ ପାଠପଢ଼ା ସମୟରେ ଆମ ଅଞ୍ଚଳରେ ବଡ଼ ଚର୍ଚ୍ଚା ଓ ଆଲୋଚନାର ବିଷୟ ହୋଇଥିଲା। ପରେ ଶୈଳବାଳା ମହାବିଦ୍ୟାଳୟରେ +୨ ପଢ଼ିବା ପରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ତାଙ୍କର ଡାକ୍ତରୀ ପାଠପଢ଼ା ଆରମ୍ଭ ହୋଇଥିଲା। କଟକ ବଡ଼ମେଡିକାଲରେ ଆନାଟୋମି ବିଭାଗରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ ପରେ ସେ ପ୍ରଫେସର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଭୋଗରାଇ ଅଞ୍ଚଳର ପ୍ରଥମ ଡାକ୍ତର ହୋଇଥିବାରୁ ତାଙ୍କ ପାଖରେ ପ୍ରତି ଦିନ ଶତାଧିକ ରୋଗୀଙ୍କର ଭିଡ଼ ଜମୁଥିଲା। କିମ୍ବଦନ୍ତୀ ରାଜନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ଡାକରାରେ ସେ ଚାକିରି ଛାଡ଼ି ରାଜନୀତିରେ ପାଦ ଥାପିଥିଲେ। ୧୯୯୦ ଓ ୧୯୯୫ରେ ଜନତା ଦଳ ଓ ୨୦୦୦ ମସିହାରେ ବିଜେଡ଼ି ଟିକେଟରେ ନିର୍ବାଚନ ଲଢ଼ି ଭୋଗରାଇର ବିଧାୟିକା ହୋଇଥିଲେ। ସେହିପରି ଶିକ୍ଷା ଓ ଯୁବସେବା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀପଦ ସେ ସମ୍ଭାଳିଥିଲେ। ଜଣେ ଶିକ୍ଷାବିତ୍ ଭାବେ ସେ ଜଣାଶୁଣା ଥିଲେ। ସ୍ଥାନୀୟ ଚନ୍ଦନେଶ୍ୱର ମନ୍ଦିରର ପୁନଃ ନିର୍ମାଣ ସହ ସ୍ଥାନୀୟ ଅଞ୍ଚଳର ଶିକ୍ଷା ଓ ମେଡିକାଲ ବ୍ୟବସ୍ଥାର ଅନେକ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ସେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବାବେଳେ ଡିଏମ୍ ଓ ଏମସିଏଚ୍‌ରେ ଉଚ୍ଚତର ଶିକ୍ଷା ଗବେଷଣା ପାଇଁ ପଦକ୍ଷେପ ନେଇଥିଲେ।

ଏ କଥା ଆଲୋଚନା କଲାବେଳେ ମୋର ଏକ ଆଧାତ୍ମିକ ବାଣୀ ମନେପଡ଼େ – "ନିସ୍ୱାର୍ଥପର, ସେବା ଶବ୍ଦକୁ ଓଲଟାଇ ଦେଲେ ତାହା ବାସେ।" ସ୍ୱର୍ଗତ ଡା. କମଳା ଦାସଙ୍କ ସେବାର ପରଶରେ କେବଳ ତାଙ୍କ ପରିବାର ନୁହେଁ, ଆମ ଅଞ୍ଚଳ ଏବଂ ମାନବ ସମାଜରେ ବାସ ଚହଟୁ ଥିଲା, ଚହଟୁଛି ଓ ଚହଟୁଥିବ ମଧ୍ୟ। ତାଙ୍କ ଜୀବଦ୍ଦଶାରେ ସେ ଆମମାନଙ୍କର ଅତି ଆପଣାର, ଆଦରଣୀୟ ଓ ସମ୍ମାନନୀୟ ଥିଲେ। ତାଙ୍କ ଅବର୍ତ୍ତମାନରେ ତାଙ୍କ ପ୍ରଦର୍ଶିତ ଚଲାପଥକୁ ଆମେ ଆଦର୍ଶ କଲେ ତାହାହିଁ ହେବ ସେହି ପୁଣ୍ୟାତ୍ମାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଆରପୁରରେ ଥାଇ ସେ ଆମ ପାଇଁ କଲ୍ୟାଣ ବାଣ୍ଟନ୍ତୁ ଓ ତାଙ୍କ ମାର୍ଗରେ ଆମକୁ ଆପଣାଇ ନେବା ପାଇଁ ଶକ୍ତି, ସାହସ ଓ ଧୈର୍ଯ୍ୟ ଦିଅନ୍ତୁ।

*ପ୍ରଫେସର (ଡାକ୍ତର) ଉମେଶ ଚନ୍ଦ୍ର ପାତ୍ର,*
*ଦୂରଭାଷ : ୯୪୩୭୦୫୧୯୫୭*

# ଜଗନ୍ନାଥ ମହାମନ୍ତ୍ରର ମହାତ୍ମ୍ୟ


ଅଲେଖ ଚନ୍ଦ୍ର ସାମଲ

ମୃତ୍ୟୁ ଜୀବନ ଚକ୍ରର ଏକ ଅଭିନ୍ନ ଅଙ୍ଗ। ଦିନରାତି ପରି ଜୀବନ ମୃତ୍ୟୁ ପରସ୍ପର ପରିପୂରକ। ସାରାଦିନ ଅକ୍ଳାନ୍ତ ପରିଶ୍ରମ କରି ଥକି ପଡ଼ିଥିବା ଶରୀର ଓ ଅବଶ୍ୟ ମନ ରାତ୍ରିର ସୁନିଦ୍ରା ଦ୍ୱାରା ହୋଇ ଉଠେ ସତେଜ। ଦେହ, ମନ ଓ ପ୍ରାଣରେ ଭରିଯାଏ ନୂତନ ଉର୍ଜା, ଉତ୍ସାହ ଓ ଉଦ୍ଦୀପନା। ଦିବସର ଆଲୋକ, କର୍ମ ଓ ଚଳଚଞ୍ଚଳ ପରିବେଶ ଯେତିକି ଆବଶ୍ୟକ ରାତ୍ରିର ଅନ୍ଧକାର, ନିସ୍ତବ୍ଧତା ଓ ବିଶ୍ରାମର ରହିଛି ସମାନ ମହତ୍ୱ। ଭଗବତ୍ ଗୀତାରେ କୁହାଯାଇଛି – ବାସାଂସି ଜୀର୍ଣାନି ଯଥା ବିହାୟ, ନବାନି ଗୃହଣାତି ନରୋପରାଣି। ତଥା ଶରୀରାଣି ବିହାୟ ଜୀର୍ଣା, ନ ନ୍ୟାନି ସଂଜାତି ନବାନି ଦେହି। ବସ୍ତ୍ର କିମ୍ବା ଘର ପୁରୁଣା କିମ୍ବା ଜୀର୍ଣ୍ଣଶୀର୍ଣ୍ଣ ହେଲେ ତାକୁ ବଦଳାଇ ମନୁଷ୍ୟ ନୂତନ ପୋଷାକ ଓ ଗୃହ ବ୍ୟବହାର କରେ। ସେହିଭଳି କାର୍ଯ୍ୟକାରିତା ପୂରଣ ହେଲେ ଆତ୍ମା ଧାରଣ କରେ ନୂତନ ଦେହ। ସଂସାର ଅନିତ୍ୟ ବ୍ରହ୍ମ ସତ୍ୟ। ଶରୀର କ୍ଷୟଶୀଳ ଆତ୍ମା ଅକ୍ଷୟ। ଏହି ମହାନ ସତ୍ୟକୁ ସଂସାରରେ ପ୍ରତିପାଦନ କରିବା ପାଇଁ ପ୍ରଭୁଙ୍କର ନବକଳେବର ଲୀଳା। ଅବ୍ୟକ୍ତ ବ୍ରହ୍ମ ଜଗତର କଲ୍ୟାଣ ପାଇଁ ଦାରୁବ୍ରହ୍ମ ରୂପରେ ଧରାପୃଷ୍ଠରେ ଅବତରଣ କରିଛନ୍ତି। ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ ପୁରୁଷ। ସମସ୍ତ ଦିବ୍ୟ ଅବତାର ମାନଙ୍କର ମୂଳ ଉତ୍ସ। ସେ ପୁଣି ନବମ ଅବତାର ବୁଦ୍ଧ। ଏବଂ ଭବିଷ୍ୟତରେ ଧାରଣ କରିବେ କଳ୍କୀ ରୂପ। ଦୀର୍ଘ ୧୯ ବର୍ଷର ଲୀଳାଖେଳା ସାରି ଚତୁର୍ଦ୍ଧା ମୂର୍ତ୍ତି କରିଛନ୍ତି ଘଟ ପରିବର୍ତ୍ତନ। ଦିବ୍ୟବ୍ରହ୍ମ ପୁରୁଣା ବିଗ୍ରହରୁ ସ୍ଥାନାନ୍ତରିତ ହୋଇ ନୂତନ ବିଗ୍ରହରେ ସଂସ୍ଥାପିତ। ବ୍ରହ୍ମ ବିହୀନ ଶ୍ରୀ ଅଙ୍ଗ କରିଛନ୍ତି ପାତାଳୀ ଲୀଳା। ବ୍ରହ୍ମ ସଂସ୍ଥାପିତ ନୂତନ କଳେବର ମହାଅଣସର ଗୃହରେ ବିଦ୍ୟମାନ। ଏହି କାଳଖଣ୍ଡ ବହନକରେ ଅନନ୍ୟ ମହତ୍ୱ। ଅବଣବସର ଲୀଳା କରୁଥିବାରୁ ଶ୍ରୀବିଗ୍ରହ ମାନଙ୍କର ସାଧାରଣ ଦର୍ଶନ, ପୂଜାର୍ଚ୍ଚନା ଇତ୍ୟାଦି ମନା। ତେଣୁ ଜଗନ୍ନାଥ ନାମ ହିଁ ବିଭୁ ଉପାସନାର ଏକମାତ୍ର ଉପାୟ। ଜଗନ୍ନାଥ ମହାମନ୍ତ୍ର ଜୟ ଜୟ ଜଗନ୍ନାଥ ଜଗନ୍ନାଥ ହରେ ହରେ, ଜଗନ୍ନାଥ ଜଗନ୍ନାଥ ଜଗନ୍ନାଥ ହରେ ହରେ। କଳିଯୁଗରେ ଜଗନ୍ନାଥଙ୍କ ନାମ ଜପ ଓ କୀର୍ତ୍ତନ ବ୍ରହ୍ମ ଉପାସନାର ସହଜ ଓ ସରଳ ମାର୍ଗ। ଜପକୀର୍ତ୍ତନ ସ୍ୱରୂପ ନାମ ଯଜ୍ଞ ଅନନ୍ତ କୋଟି ଜନ୍ମର ପାପ କ୍ଷୟ କରେ। ଏହି ମହାମନ୍ତ୍ରକୁ ସ୍ମରଣ ଓ ମନନ କରିବା ବ୍ରହ୍ମଙ୍କୁ ନିତ୍ୟ ହୃଦୟରେ ଧାରଣ କରବା ସହ ସମାନ। ଦାରୁବ୍ରହ୍ମ ଜଗତର ନାଥ ଜଗନ୍ନାଥ ସମସ୍ତ ଜାଗତିକ ବିଭବର ଅଧିକାରୀ। ଧନ, ଐଶ୍ୱର୍ଯ୍ୟର ଅଧିକାରିଣୀ ମା'ଲକ୍ଷ୍ମୀ, ବିଦ୍ୟାଦାତ୍ରୀ ମା'ସରସ୍ୱତୀ ଓ ଶକ୍ତି ସ୍ୱରୂପ ଶ୍ରୀସୁଦର୍ଶନଙ୍କର ସେ ଇଷ୍ଟ। ଜଗନ୍ନାଥ ନାମ ବା ମହାମନ୍ତ୍ର ଜପ ଦ୍ୱାରା ଭକ୍ତର ସମସ୍ତ ମନବାଞ୍ଛା ପୂରଣ ହୁଏ। ଦାରିଦ୍ର୍ୟ, ଦୁଃଖ, ଶୋକ ଜୀବନରୁ ଦୂରେଇ ଯାଏ। ଧନଧାନ୍ୟ ଗୋପଲକ୍ଷ୍ମୀରେ ଘର ପୂରି ଉଠେ। ମନୁଷ୍ୟ ଜୀବନ ଆନନ୍ଦମୟ ହେବା ସହ ଯଶକୀର୍ତ୍ତି ବଢ଼େ। ଜୀବ ଉଦ୍ଧାରକାରୀ ଶ୍ରୀଜଗନ୍ନାଥ ମହାମନ୍ତ୍ରକୁ ସର୍ବଦା ଜପ କରିବା ସହ କୋଟି ହୃଦୟର ମଉଡମଣୀ ପ୍ରାଣପ୍ରିୟ ଠାକୁରଙ୍କ ନାମ ପ୍ରଚାର ଓ ପ୍ରସାରରେ ସାମିଲ ହୋଇ ମାନବଜନ୍ମ ସାର୍ଥକ କରନ୍ତୁ।

ପୂର୍ବତନ ଡିଏଫ୍‌ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୭୧୨୩

# ଈଶ୍ୱର ପ୍ରାପ୍ତି : ସମସ୍ତଙ୍କ ପାଇଁ ସହଜତମ ମାର୍ଗ


ସୌର ଚନ୍ଦ୍ର ମହାପାତ୍ର

ଆଜିକାଲି ଅଧିକାଂଶ ଲୋକ ଧନ, ସମ୍ପତ୍ତି ପାଇଁ ଲାଳାୟିତ। ପ୍ରକୃତ ଧନ କ'ଣ କେଉଁ ସମ୍ପଦ ଆମ ସହ ଜନ୍ମ ଜନ୍ମାନ୍ତର ସାହା ହେବ ତାହା ଅଧିକାଂଶ ଜାଣୁ ନାହାନ୍ତି। ଧନ, ମାନ, ଶିକ୍ଷା, ଗାରିମା ଓ ଖ୍ୟାତି ପ୍ରଭୃତି ମଣିଷ ପାଇଁ ବଡ଼ କଥା ହୋଇଛି। କୌଣସି ନା କୌଣସି ମାର୍ଗରେ କିଛି ନା କିଛି ଗୋଟାଏ ହାସଲ କରି ବଡ଼ ପଣ ଦେଖେଇ ହେବାରେ ଆଜିକାଲି ଖୁବ ପ୍ରଶଂସା ମିଳୁଛି। ଲୋକ ନିଜେ ବି ନିଜକୁ ଧନ୍ୟ ମନେକରୁଛି। ଶାନ୍ତି ରୂପକ ସୁଗନ୍ଧିତ ପୁଷ୍ପ ନିର୍ମଳ ପ୍ରେମରୁ ହିଁ ଜାତ ହୋଇଥାଏ। ଶାନ୍ତି ଦ୍ୱାରା ସବୁ କିଛି ହାସଲ କରାଯାଇପାରେ। ଘୃଣା ଭାବ ଉଦବିଗ୍ନତା ବା ଦୈନ୍ୟ ଭିତରେ ଶାନ୍ତି ହାସଲ କରାଯାଇ ପାରିବ ନାହିଁ। ପ୍ରକୃତରେ ଏସବୁ ଦ୍ୱାରା ଆମେ ସମାଜର କ୍ଷତି କରିବା। ଆଜିର ଦୁନିଆରେ ଏହି ଶାନ୍ତି ଭାବ କୁଆଡ଼େ ହଜିଗଲାଣି, ଯେଉଁଥି ପାଇଁ ଚାରିଆଡ଼େ ବିଶୃଙ୍ଖଳା, ବିଭ୍ରାନ୍ତ ଦେଖାଯାଉଛି। ଯୁଦ୍ଧର ଭୟ, ଦୁର୍ଭିକ୍ଷ ଭୟ ଓ ଅନ୍ୟାନ୍ୟ ମର୍ମନ୍ତୁଦ ଘଟଣାର ଆଶଙ୍କା ଦେଖାଯାଉଛି। କ୍ଷମତା ଲାଭ କରିବାର ପ୍ରବଳ ଆକାଂକ୍ଷା ସହ ସ୍ୱାର୍ଥପର ଚିନ୍ତାଧାରାର ଆଧିକ୍ୟ ଅନୁଭୂତ ହେଉଛି। ଏ ସବୁର କାରଣ କ'ଣ ? ଏହାର କାରଣ ଆମର ପ୍ରକୃତ ସ୍ୱଭାବ ଶାନ୍ତିକୁ ଆମେ ଜାଣି ନାହୁଁ। ଶାନ୍ତି ସର୍ବଶ୍ରେଷ୍ଠ ମୂଲ୍ୟବୋଧ ଅଟେ ଯାହାକୁ ଅହଂଭାବ ଓ କାମନା ବାସନା ତ୍ୟାଗ କରି ହାସଲ କରାଯାଇପାରେ। ଜୀବନରେ ପ୍ରେମଭ୍ୟାସ କରିପାରିଲେ ତାହାର ପୁରସ୍କାର ସ୍ୱରୂପ ଶାନ୍ତି ପାଇବ। ସେତେବେଳେ ଆମର ସବୁଯାକ କାମ ଠିକ୍ ଠିକ୍ ହୋଇପାରିବ। ଯେଉଁ ବ୍ୟକ୍ତି ନୀତିନିଷ୍ଠ, ଯାହାଙ୍କର ଆଚରଣ ପବିତ୍ର ଏବଂ ଯିଏ ନିଜ କର୍ମ ପ୍ରତି ନିଷ୍ଠାବାନ ଥାଆନ୍ତି ତଥା ଜୀବନରେ କର୍ତ୍ତବ୍ୟ ନିର୍ବାହ କରନ୍ତି – ସେ ହିଁ ଧାର୍ମିକ। କାରଣ – ଆଚରଣ, ବିଚାର ଏବଂ ସତ୍‌ଚରିତ୍ର ହିଁ ଧର୍ମ। ପ୍ରକୃତରେ ଧର୍ମର ପୂଜା ପାଠ ସହିତ କୌଣସି ସମ୍ପର୍କ ନାହିଁ। ବିନା ପୂଜାପାଠରେ ମଧ୍ୟ ବ୍ୟକ୍ତି ଧାର୍ମିକ ହୋଇପାରିବେ। ସନ୍ଥ ରବିଦାସ କୌଣସି ମନ୍ଦିରରେ ବସି ପୂଜାପାଠ କରୁନଥିଲେ। ଦିନରାତି ଜୋତା ବ୍ୟବସାୟରେ ଲାଗି ରହୁଥିଲେ ସେ। ସନ୍ଥ କବୀର ମଧ୍ୟ କେବେ କୌଣସି ମନ୍ଦିରକୁ ଯାଇନାହାନ୍ତି। ତିଳକ କି ମାଳା ଧାରଣ କରିନାହାନ୍ତି। ହେଲେ ମାନଙ୍କ ଠାରୁ ବଡ଼ ଧାର୍ମିକ ବ୍ୟକ୍ତିଙ୍କୁ ଖୋଜିବା କଷ୍ଟକର। ଏମାନଙ୍କର ଚରିତ୍ର ଧାର୍ମିକ ଥିଲା। ଏମାନେ ଥିଲେ ସମ୍ପୂର୍ଣ୍ଣ ରୂପେ ଧାର୍ମିକ। ହେଲେ ଦୁର୍ଭାଗ୍ୟକୁ ଏବେ ଧର୍ମର ଭୁଲ ବ୍ୟାଖ୍ୟାନ କରାଯାଉଛି।

ମୂଳତଃ ଧର୍ମର ଅର୍ଥ ହେଲା – ଯାହାକୁ ଧାରଣ କରାଯାଏ। ଯେଉଁ ବିଚାର, ଚରିତ୍ର ଏବଂ ନୈତିକତା ମଣିଷ ନିଜ ଜୀବନରେ ଧାରଣ କରେ – ତାହା ହିଁ ଧର୍ମ। ଅର୍ଥାତ୍, ଧର୍ମର ଅର୍ଥ କର୍ତ୍ତବ୍ୟ। ତେଣୁ ପ୍ରାୟତଃ ଲୋକେ କହନ୍ତି ଯେ, ମୁଁ ପିତୃଧର୍ମ ପାଳନ କରୁଛି। ପୁତ୍ର ଧର୍ମ, ଛାତ୍ର ଧର୍ମ, ପତ୍ନୀ ଧର୍ମ, ସାମାଜିକ ଦାୟିତ୍ୱର ଧର୍ମ ଇତ୍ୟାଦି ସହିତ ସବୁଠାରୁ ବଡ଼ ହେଉଛି ରାଷ୍ଟ୍ରଧର୍ମ। ଏହି ଯେଉଁ ଧର୍ମ ଶବ୍ଦ ଏଥିରେ ସଂଲଗ୍ନ କରାଯାଇଛି, ଏହା ମନ୍ଦିରରେ ବସି ଧର୍ମଶାସ୍ତ୍ର ଅଧ୍ୟୟନ କରିବା ପରି ଧର୍ମ ନୁହେଁ। ରାଷ୍ଟ୍ରଧର୍ମର ଅର୍ଥ ହେଉଛି ରାଷ୍ଟ୍ର ପ୍ରତି ନିଜ କର୍ତ୍ତବ୍ୟ ନିର୍ବାହ କରିବା। ଧର୍ମରାଜ କହିଛନ୍ତି, ଧର୍ମର ବ୍ୟାଖ୍ୟା ଅନେକ କରିଥାନ୍ତି। କିନ୍ତୁ ମୂଳତଃ ଯେଉଁ ପଥରେ ମହାପୁରୁଷମାନେ ଗମନ କରନ୍ତି ଏବଂ ଆମେ ତାର ଅନୁକରଣ କରୁ – ତାହା ହିଁ ଧର୍ମ। ଏଠାରେ ମଧ୍ୟ ଧର୍ମରାଜ କୌଣସି ମନ୍ଦିରରେ ବସି ପୂଜା କରିବା କଥା କହିନାହାନ୍ତି।

ଯାହା ଜୀବନକୁ ସୁଖ ଏବଂ ନୀତିନିଷ୍ଠ କରିଥାଏ ତାହା ହିଁ ଧର୍ମ। ମଣିଷ ନିଜ ଧର୍ମ ପ୍ରତି ନିଷ୍ଠାବାନ ରହିବା ଉଚିତ ବୋଲି ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି। କର୍ତ୍ତବ୍ୟ ନିର୍ବାହରେ ଯଦି ପ୍ରାଣ ତ୍ୟାଗ କରିବାକୁ ହେଲା, ତେବେ ମଧ୍ୟ ପଶ୍ଚାତ୍‌ପଦ ହେବାର ନାହିଁ। ଅନ୍ୟର କର୍ତ୍ତବ୍ୟ ନିର୍ବାହରେ ବିଘ୍ନ ଘଟାଇବା ବି ଅନୁଚିତ। ମଣିଷ ନୈତିକ କର୍ତ୍ତବ୍ୟ ପାଳନ କରିବା ହିଁ ଧର୍ମ। ଭଗବତ୍ ଗୀତାରେ ଯେଉଁଠାରେ ମଧ୍ୟ ଧର୍ମ ଶବ୍ଦର ଉଲ୍ଲେଖ କରାଯାଇଛି – ତାହାର ଅର୍ଥ ରହିଛି କର୍ତ୍ତବ୍ୟ ନିର୍ବାହ କରିବା। ତେଣୁ କର୍ତ୍ତବ୍ୟ ହିଁ ଧର୍ମ ଏବଂ କର୍ତ୍ତବ୍ୟ ପାଳନ କରୁଥିବା ବ୍ୟକ୍ତି ଧାର୍ମିକଂ। ଆଜିକାଲିର ଲୋଭ, ଦୁର୍ନୀତି, ହିଂସା, ଆତଙ୍କପୂର୍ଣ୍ଣ ପରିବେଶରେ କୋଟି କୋଟି ଲୋକ ସାର୍ଥକ ଜୀବନଯାପନ କରିବା ସକାଶେ ଧରିତ୍ରୀ ମାତା ଏବଂ ଜୀବଜଗତ ଏବଂ ନିଜ ସହ ସମନ୍ୱୟ ରକ୍ଷା କରି ଚଳିବା ପାଇଁ ତାଙ୍କୁ ଆଦର୍ଶ ମାନିଛନ୍ତି । ତାଙ୍କ ବାର୍ତ୍ତା ହିଁ ଏକ ଆଧାତ୍ମିକ ମହୌଷଧି ଯାହା ଆତ୍ମସଂସ୍କାର ରୂପକ ବ୍ୟାଧିରୁ ମାନବ ଜାତିକୁ ଉଦ୍ଧାର କରିପାରିବ । ନିର୍ମଳ ପ୍ରେମର ପ୍ରତିମୂର୍ତ୍ତି ସେ । ଆମର ଅନ୍ତର୍ନିହିତ ପବିତ୍ରତାକୁ ଚିହ୍ନି ତା'ର ପରିଚାଳନା ନିମନ୍ତେ ଉଦାହରଣ ମାଧ୍ୟମରେ ଆମ୍ଭମାନଙ୍କୁ ଅଗ୍ରସର କରାଇନେବା ପ୍ରକୃତରେ କ୍ୱଚିତ୍ ଦେଖାଯାଇଥାଏ । ସମାଜରେ ସମସ୍ତଙ୍କ ଭିତରେ ରୂପାନ୍ତରଣ ସହ ମାନବ ସେବା ହିଁ ମାଧବ ସେବାର ମହାମନ୍ତ୍ରକୁ ଅବଲମ୍ବନ କରି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ବିଶ୍ୱର ସବୁଠି ପହଞ୍ଚି ପାରିଛି । ଭଗବାନ କଳିଯୁଗର ଅବତାର ଶ୍ରୀ ସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ତୁମେ ମୋତେ ଯେ କୌଣସି ନାମରେ ଡାକିପାର। ମୁଁ ସବୁଥିରେ ଜବାବ ଦେବି, କାରଣ ସବୁ ନାମ ମୋରି। ତୁମ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲେ ବି ମୁଁ ତୁମ ପଛେ ପଛେ ଥିବି। ସୂର୍ଯ୍ୟଙ୍କୁ ପ୍ରତ୍ୟାଖ୍ୟାନ କଲେ ସୂର୍ଯ୍ୟ କ'ଣ କୁଆଡ଼େ ଚାଲି ଯାଆନ୍ତି। ମୋତେ ମାପିବାକୁ ଚେଷ୍ଟା କରନାହିଁ, କେବଳ ବିଫଳ ହେବ। ବରଂ ତୁମ ନିଜର ମାପ ଜାଣିବାକୁ ଚେଷ୍ଟା କର। ଭଗବାନ ତ ଅସୀମ। ଭଗବାନଙ୍କୁ ଜାଣିବା, ନିଜେ ଭଗବାନ ପାଲଟିଯିବା, ସମାନ। ମୋତେ ଜାଣିବାକୁ ଉଦ୍ୟମ କଲେ ତୁମେ ମୋ ଭିତରେ ବୁଡ଼ିଯାଅ। ସସୀମ, ଅସୀମ ଭିତରେ ଲୀନ ହୋଇଯାଏ। ସତ୍ୟ ଓ ପ୍ରେମ ମାଧ୍ୟମରେ ମାନବିକତାର ପୁନରୁଦ୍ଧାର ମୋର ଦାୟିତ୍ୱ। ମୁଁ ତୁମକୁ ଉଭୟ ଧର୍ମ ଓ ବ୍ରହ୍ମ ମାର୍ଗ ଦେଖାଇବାକୁ ଆସିଛି।

ତୁମେ ମୋ ଆଡ଼କୁ ପାଦେ ଆଗେଇଲେ ମୁଁ ତୁମ ଆଡ଼କୁ ଦଶପାଦ ଆଗେଇବି। ଚେଷ୍ଟା କରିବା ଓ ଉଦ୍ୟମ କରିବା ମଣିଷର କର୍ତ୍ତବ୍ୟ। ସଫଳତା ବା ବିଫଳତା ଈଶ୍ୱରଙ୍କ କୃପା ଉପରେ ନିର୍ଭର କରେ। ଭଗବାନ ଶ୍ରୀ ସତ୍ୟସାଇଙ୍କ ଏହି ବାର୍ତ୍ତା ଆମ ସମସ୍ତଙ୍କୁ ଅନୁପ୍ରାଣୀତ କରୁ। ସଶରୀରରେ ସେ ଆମେ ପାଖେ ଅଛନ୍ତି। ଏହି ବିଶ୍ୱାସର ସହ ଆମ ମାନଙ୍କୁ ଦିଆଯାଇଥିବା କର୍ମ କରିବା। ନାମ ସ୍ମରଣରେ ନିୟୋଜିତ ହୋଇ ରହିବା ତାହା ହିଁ ସର୍ବୋତ୍ତମ ସାଧନା। ତାହା ହିଁ ସର୍ବୋଚ୍ଚ ଜପ ସର୍ବାଧିକ ଲାଭପ୍ରଦ ତପସ୍ୟା। ନାମକୁ ପ୍ରେମପୂର୍ଣ୍ଣ କରିଦିଅ ଓ ଭକ୍ତି ବିଜଡ଼ିତ କରିଦିଅ। ତାହା ହିଁ ଆମ ସମସ୍ତଙ୍କ ପାଇଁ ସହଜତମ ମାର୍ଗ। ଆଜି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମହାପ୍ରୟାଣ ଦିବସ। 'ପରୋପକାରର୍ଥମ୍ ଇଦମ୍ ଶରୀରଂ' ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେଇ ବିଶ୍ୱ ନିୟନ୍ତାଙ୍କର ସନ୍ତାନ ସନ୍ତିତ ମଣି କିଛି କିଛି ସ୍ୱାର୍ଥ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ, ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ, ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,*
*କଟକ, ଦୂରଭାଷ :*
*୯୪୩୭୦୦୪୪୬୬*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,*
*ସେକ୍ଟର-୬, କଟକ*

# ବିଶ୍ୱତ୍ରାଣ ସତ୍ୟସାଇ

**ଇଂ.ସଚ୍ଚିଦାନନ୍ଦ ନନ୍ଦ**



ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି।

ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି। ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି। ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି। ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ।ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ। କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ୍ୟ ମାର୍ଗ ପ୍ରଦର୍ଶନ କରୁଥିବ। ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ। ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା। ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ୍ୟ ବହି ଛପା ହୋଇଗଲା। ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ୍ୟ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ୍ୟ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ। ଇତିମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ। ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ।

ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଞ୍ଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଧାର ସମ୍ଭବ ଏହା ମଧ୍ୟ କୋଟି କୋଟି ଲୋକ ଉପଲବ୍ଧି କଲେଣି। ସତ୍ୟସାଇଙ୍କ ପ୍ରଦତ୍ତ ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ। ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ'ଣ ତାହା ମଧ୍ୟ ଅନୁଭୂତିରେ ଆସିଯିବ। ଏହି ଆଧାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ। ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ। ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ। ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ। ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ। ଯଦି ଜଣେ ଆଧାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ। ଅଳ୍ପରୁ ଆରମ୍ଭ କରି ଅଧିକରେ ପହଞ୍ଚିବା ସମ୍ଭବ। ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ। ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ଅର୍ଥନୀତି ସମାନତା ଉପରେ ଧ୍ୟାନ କେନ୍ଦ୍ରିତ କରିବାର ସମୟ


ଉମାଶଙ୍କର ପ୍ରସାଦ

ଯଦି ବର୍ତ୍ତମାନ ବିଭିନ୍ନ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ରିପୋର୍ଟ କୁ ଅନଧ୍ୟାନ କରିବା ତେବେ ଏହା ସ୍ପଷ୍ଟ ହେବଯେ ଦିନକୁ ଦିନ ଭାରତର ଆର୍ଥିକ ସ୍ଥିତି ଚିନ୍ତାଜନକ ହେବାରେ ଲାଗିଛି। ଆର୍ଥିକ ବର୍ଷ ୨୦୨୩-୨୪ ରେ ଜି.ଡି.ପି ଅନୁସାରେ ଭାରତର ଆୟରେ ୭.୪ ପ୍ରତିଶତ ବୃଦ୍ଧି ଘଟିଛି କିନ୍ତୁ ଏହା ୨୦୦୩ ରୁ ୨୦୧୧ ମଧ୍ୟରେ ଥିବା ଭାରତର ଆୟ ତୁଳନାରେ କମ୍ ଅଛି। ୨୦୦୮ ମସିହାକୁ ଛାଡି ଯେତେବେଳେ ପୁରା ଦୁନିଆଁ ବିଷାଦ ଗ୍ରସ୍ତ ଥିଲା ସେ ସମୟରେ ଭାରତ ଲଗାତାର ପ୍ରତ୍ୟେକ ବର୍ଷ ୮ ପ୍ରତିଶତ ବୃଦ୍ଧି ହାସଲ କରିଥିଲା। ତେଣୁ ବର୍ତ୍ତମାନ ଅବସ୍ଥାରେ ୭.୬ ପ୍ରତିଶତ ଆର୍ଥିକ ବୃଦ୍ଧି ପ୍ରଶଂସନୀୟ। କିନ୍ତୁ ଆମେ ଯଦି ଟିକେ ନିମ୍ନକୁ ଯାଇ ବିଶ୍ଳେଷଣ କରିବା ତେବେ ସ୍ପଷ୍ଟ ଅନୁମେୟ ହେବଯେ ବିଶେଷ ଧନୀକ ଶ୍ରେଣୀର ଏକ ଛୋଟ ଅଂଶକୁ ଛାଡି ଦେଲେ ଅଧିକାଂଶ ଭାରତୀୟଙ୍କର ଅତି କଷ୍ଟରେ ସାମାନ୍ୟ ଆର୍ଥିକ ବୃଦ୍ଧି ହେବାର ଦେଖା ଯାଉଛି। ଏହାଛଡା ୧୯୯୦ ଦଶକର ମଧ୍ୟ ଭାଗରେ ଭାରତର ଆର୍ଥିକ ଅସମାନତା ଯୋଗୁଏହାର ମୂଳଦୁଆ କମ୍‌ଜୋର ହେବାରେ ଲାଗିଥିଲା। ବିଗତ ବର୍ଷ "ଇଣ୍ଟର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଫର ଏନଭାୟାରମେଣ୍ଟ ଆଣ୍ଡ ଡେଭଲପମେଣ୍ଟ"ର ଏକ ତଥ୍ୟ ଆଧାରରେ ଜଣାପଡେ କୃଷକ ମାନଙ୍କର ଆତ୍ମହତ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ୨୦୨୨ ରେ ଏହା ଶୀର୍ଷ ସ୍ଥାନକୁ ଉଠିଥିଲା। ଋଣ ଓ ଗରିବୀ ତଳେ ଚାପି ହୋଇ ୧୧,୨୯୦ କୃଷକ ଆତ୍ମହତ୍ୟା କରିଥିଲେ। କେବଳ ୨୦୧୪ ରୁ ୨୦୨୨ମସିହା ଭିତରେ ୧ଲକ୍ଷରୁ ଅଧିକ କୃଷକ ନିଜର ପ୍ରାଣ ବିଷର୍ଜନ କରିଥିଲେ।

ଦେଶର ଅନ୍ୟ ଏକ ଦିଗକୁ ଅନୁଧ୍ୟାନ କଲେ ଜଣାପଡେ ଦେଶର ଅର୍ଥବ୍ୟବସ୍ଥାର ବିକଳ ଚିତ୍ର। ଯାହା ହେଲା 'ବେରୋଜଗାରୀ' ଯୁବବର୍ଗ। ୧୯୯୪ ରେ ଯୁବବେକାରୀ ସଂଖ୍ୟା ଥିଲା ୧୧.୮ ପ୍ରତିଶତ। ଏହି ସଂଖ୍ୟା କ୍ରମଶଃ ୨୦୧୮ ମସିହାରେ ବଢି ୨୫.୯ ପ୍ରତିଶତ ଯୁବକ ରୋଜଗାର ପାଇଁ ଚାକୀରି ଅନ୍ୱେଷଣ କରୁଥିଲା ବେଳେ ତାଙ୍କୁ ହତାଶ ହେବାକୁ ପଡୁଛି। ଯଦିଓ ବର୍ତ୍ତମାନ ତାର ସଂଖ୍ୟାରେ ସାମାନ୍ୟ ହ୍ରାସ ପାଇଛି ତେବେ ମଧ୍ୟ ଭାରତର ଯୁବବର୍ଗ ବେରୋଜଗାରୀ ଦୁନିଆଁରେ ସବୁଠାରୁ ଅଧିକ। ବର୍ତ୍ତମାନ ବେରୋଜଗାରୀ ଯୁବବର୍ଗଙ୍କ ସଂଖ୍ୟା ଭାରତରେ ୬.୮ ପ୍ରତିଶତ ଅଛି ଯାହା ଗତ ଡିସେମ୍ବରରେ ୮.୭ ପ୍ରତିଶତ ଥିଲା। ବିଶେଷକରି ଶିକ୍ଷିତ ଯୁବ ବର୍ଗଙ୍କ ପାଇଁ ସ୍ଥିତି ଅତ୍ୟନ୍ତ ଜଟିଳ ଓ ଚିନ୍ତାଜନକ। ୨୦୨୨ ରେ ସ୍ନାତକ ଶିକ୍ଷା ଲାଭ କରିଥିବା ବେରୋଜଗାରୀ ଯୁବବର୍ଗ ଙ୍କ ସଂଖ୍ୟା ୨୯.୧ ପ୍ରତିଶତ ଯାହା ସ୍ୱତନ୍ତ୍ର ଭାରତରେ ସର୍ବାଧିକ। ୨୦ ରୁ ୨୪ ବର୍ଷ ବୟସର ବେକାର ଯୁବ ବର୍ଗ ଙ୍କ ସଂଖ୍ୟା ୪୪.୪୯ ପ୍ରତିଶତ। ୨୫ ରୁ ୨୯ ବର୍ଷ ବୟସର ଯୁବ ବେରୋଜଗାରୀ ଙ୍କ ସଂଖ୍ୟା ୧୪.୩୩ ପ୍ରତିଶତ। ଅକ୍ଟୋବର ଠୁ ଡିସେମ୍ବର ୨୦୨୩ ମଧ୍ୟରେ ଯାହା ପୂର୍ବ ତିନି ମାସରେ ୧୩.୩୫ ପ୍ରତିଶତ ଥିଲା।

ଏହା ଛଡା ଆଉ ଏକ ଚିନ୍ତାଜନକ କଥା ଯାହା ଉପରେ ବିଶେଷଧ୍ୟାନ ଦିଆ ଯାଉନାହିଁ। ଯାହାହେଲା 'ନିବେଷ ଦର ବା ବିନିଯୋଗ ଦର' ଯାହା ହେଉଛି ଦେଶର ଏପରି ଏକ ଭାଗ ଯାହାକୁ ଦେଶ ତଥା ରାଜ୍ୟର କଳ କାରଖାନା, ସଡକ, ଗମନା ଗମନ, ମେସିନ ତଥା ମାନବ ପୁଞ୍ଜିରେ ବିନିଯୋଗ କରା ଯାଇଥାଏ। ଆମେ ଉପରୋକ୍ତ ଏହି ସୂଚୀ ରୁ କିଛି ଚର୍ଚ୍ଚା ବିଶେଷ ଭାବରେ ଗଣମାଧ୍ୟମ ପୃଷ୍ଠାରେ ଦେଖିବାକୁ ପାଉଛୁ। ଭାରତର ବନ୍ଦର ନିର୍ମାଣ ଓ ବିମାନ ଆଡା କ୍ଷେତ୍ରରେ ଭାରତର ପ୍ରଦର୍ଶନ ପ୍ରଣିଧାନ ଯୋଗ୍ୟ। ଯଦି ଆମ ନେତୃବର୍ଗ ଏ ସବୁର ଶ୍ରେୟ ନେଉଛନ୍ତି ତେବେ ଏହିସବୁ କ୍ଷେତ୍ରରେ ଶିକ୍ଷୀତ ଯୁବବର୍ଗ ଙ୍କୁ କାହିଁକି ନିଯୁକ୍ତି ମିଳୁନି ଯାହା ଏକ ପ୍ରଶ୍ନ ବାଚୀ। ଉଚ୍ଚ ବିନିଯୋଗ ଦର ଦୀର୍ଘକାଳୀନ ବିକାଶର ମହତ୍ୱପୂର୍ଣ୍ଣ ଚାଳକ ଅଟେ। ଭାରତର ନିବେଶ ଦର ୨୦୦୬ ରେ ୩୮ ପ୍ରତିଶତ କୁ ଟପି ଯାଇଥିଲା ଯାହା ୨୦୧୩ ସୁଦ୍ଧା ତଳକୁ ଖସିନଥିଲା। ସେହି ସମୟରେ ଭାରତର ବିନିଯୋଗ ଦୁନିଆଁରେ ସବୁଠୁ ବର୍ଦ୍ଧିତ ଅର୍ଥବ୍ୟବସ୍ଥାର ବରାବର ଥିଲା। କିନ୍ତୁ କ୍ରମାନ୍ୱୟରେ ଏହି ବର୍ଦ୍ଧିତ ହାରରେ ଦିନକୁଦିନ ହ୍ରାସ ହେବାର ଦେଖିବାକୁ ମିଳୁଛି ଯାହା ସାରକାରଙ୍କ ଆର୍ଥିକ ସର୍ବେକ୍ଷଣ ତଥ୍ୟ କହେ। ୨୦୨୨-୨୩ ସୁଦ୍ଧା ଏହାର ସଂଖ୍ୟା ହ୍ରାସ ପାଇ ୨୭.୯ ପ୍ରତିଶତକୁ ଆସିଯାଇଛି। ଏଭଳି ହେବାର କାରଣ କ'ଣ? ୨୦୧୮ ମାର୍ଚ୍ଚରେ ପ୍ରକାଶିତ ବିଶ୍ୱ ବିଶମତା ଲ୍ୟାବର ତଥ୍ୟ କୁ ଅନୁଧ୍ୟାନ କଲେ ଏହାର କାରଣ ଜଣା ପଡିଯାଏ। ଏଥିରୁ ଜଣାପଡୁଛିଯେ ଭାରତରେ ଅସମାନତା ଦୀର୍ଘବର୍ଷ ଧରି ଅଧିକ ରହିଛି। ଏବଂ ତାହା ଏକ ନୂତନ ଶୀଖରକୁ ପହଞ୍ଚି ଯାଇଛି। ସବୁଠୁ ଧନୀ ୧ ପ୍ରତିଶତ ଭାରତୀୟଙ୍କ ପାଖରେ ଦେଶ ଆୟର ୨୨.୬ ପ୍ରତିଶତ ଆୟ ଠୁଳ ହୋଇଛି। ବିଗତ ୧୦୦ ବର୍ଷ ତୁଳନାରେ ଏହା ସବୁଠାରୁ ଅଧିକ ବିନିଯୋଗ ଅଟେ। ବିଗତ ଦିନରେ ୧୯୩୦ ଦଶକରେ ଆମେ ଏହାର ନିକଟବର୍ତ୍ତୀ ହୋଇଥିଲୁ। ସେତେବେଳେ ଔପନିବେଶିକ ଶାସନ ଥିଲା। ତଥ୍ୟ ଆଧାରରେ ଏହା ବଡ ବଡ ବ୍ୟବସାୟୀ ଓ ସରକାରଙ୍କ ମଧ୍ୟରେ ବୁଝାବଣା ଯୋଗୁ ସମ୍ଭବ ଥିଲା। ଭାରତରେ ଦୀର୍ଘଦିନ ଧରି କ୍ରୋନିଜିମ୍ (ମକ୍ବକ୍ଟଭଚ୍ଛସଶ୍ୱଜ୍ଞ) ଥିଲା କିନ୍ତୁ ବର୍ତ୍ତମାନ ଏହା ଏକ ନୂତନ ଉର୍ଦ୍ଧ୍ୱକୁ ପହଞ୍ଚିଛି ଯାହାର ତୁଳନା ମଧ୍ୟ ପ୍ରାଚ୍ୟ ଦେଶ ପାକିସ୍ଥାନ, ଫିଲିପିନ୍ସ ଆଦିରେ ଅତିତରେ ଦେଖାଯାଇଥିବା କ୍ରୋନଜିମ ସହ ସମାନ। 'ଟାଇମ' ମ୍ୟାଗାଜିନ ୨୭ ମାର୍ଚ୍ଚରେ ପ୍ରକାଶିତ ତଥ୍ୟ ଅନୁସାରେ ଭାରତର ବିଷମତାର ସ୍ତର ଆମେରିକା, ବ୍ରାଜିଲ ଓ ଦକ୍ଷୀଣ ଆଫ୍ରିକାରୁ ମଧ୍ୟ ଅଧିକ। ଏହାର କାରଣ ଆମେ ଏହାର ମୂଳ ଆଧାରକୁ ବିଚାର ନକରି କେବଳ ଗଣମାଧ୍ୟମ ତଥ୍ୟ ଉପରେ ନିଜକୁ କେନ୍ଦ୍ରିତ କରିଛୁ। ଆମେ ପ୍ରାଣ ପଣେ ଉଦ୍ୟମ କରୁଛୁ କିପରି ଆମ ଦେଶ ୫ ଟ୍ରିଲିୟନ ଡଲାରର ଅର୍ଥ ବ୍ୟବସ୍ଥାରେ କିପରି ପହଞ୍ଚିବ। ରାଷ୍ଟ୍ରୀୟ ଆୟ ତୁଳନାରେ କିପରି ଜର୍ମାନୀକୁ ଟପିବ। କିନ୍ତୁ ଆମ ନେତୃବର୍ଗ କେବେହେଲେ ନିମ୍ନସ୍ତରର ଜନସାଧାରଣଙ୍କ ମଧ୍ୟରେ କିପରି ଏହି ଅର୍ଥ ସମାନଭାବରେ ବିତରଣ ହୋଇପାରିବ ଏବଂ ଗରିବର ସ୍ଥିତ ବଦଳିବ ଏହା ଉପରେ ଧ୍ୟାନ ଦେଇନାହାଁନ୍ତି। ଗାନ୍ଧିଜୀ ଦିନେ କହିଥିଲେ ଆମ ନେତୃବର୍ଗ ବିକାଶର ଚିନ୍ତା କରିବା ଆଗରୁ ସବୁଠାରୁ ଗରୀବ ଓ କମଯୋର ଲୋକର ମୁଖକୁ ମନେପକାଇ ନିଜ ହୃଦୟକୁ ପ୍ରଶ୍ନ କରେ ଯେ ସେ ଉଠାଉ ଥିବା ପଦକ୍ଷେପ ଗରୀବ ଲୋକଙ୍କ ପାଇଁ କେତେଦୁର ସହାୟକ? ତେବେ ଦେଶ ତଥା ରାଜ୍ୟରୁ ଆର୍ଥିକ ଅସମାନତା ଦୂର ହୋଇପାରିବ ବୋଲି ଆଶା।

*ଖୋର୍ଦ୍ଧା (୬୩୭୦୬ ୭୫୫୬୨)*

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Wednesday April 24, 2024 | ଭୁବନେଶ୍ୱର ବୁଧବାର, ଅପ୍ରେଲ ୨୪,୨୦୨୪ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com



# ମା ମଙ୍ଗଳାଙ୍କ ଝାମୁ ଯାତ୍ରା ଶେଷ



ଭୁବନେଶ୍ୱର.(ପ.ଏନ): ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା ମଙ୍ଗଳା, କାକଟପୁର ତା ୨୩/୪,,ଆଜି ଥିଲା ଚୈତ୍ରମାସ ର ଶେଷ ମଙ୍ଗଳବାର ବା ଝାମୁଯାତ୍ରା । ପାରମ୍ପରିକ ପ୍ରଥାନୁସାରେ କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ମନ୍ଦିର ରେ ପାଳିତ ହୋଇଛି ଶେଷ ପାଳି ଝାମୁଯାତ୍ରା କ୍ଷ ଏକ ମାସ ବ୍ୟାପୀ ଚାଲି ଥିବା ଚଇତିପର୍ବର ଶେଷ ପାଳି ଯାତ୍ରା ଶେଷ ହୋଇଛି କ୍ଷ ରାତ୍ର ୧ ଘଟିକାରେ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚନ୍ଦନ ଲାଗି ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଇଥିଲା । ବଲ୍ଲଭ ନୀତି ପରେ ସକାଳ ଧୂପ, ବନ୍ଦାପନା ଆଳତୀ ପରେ ସର୍ବସାଧାରଣ ଙ୍କ ଦର୍ଶନ ପାଇଁ ମନ୍ଦିର ସାହାଣମେଲା କରାଯାଇଥିଲା । ମାତୃଭକ୍ତ ମାନେ ଉତ୍ତର ଓ ସିଂହ ଦ୍ୱାର ଦେଇ ବ୍ୟାରିକେଟ ମଧ୍ୟରେ ଧାଡ଼ି ରେ ମନ୍ଦିର ଗର୍ଭଗୃହ କୁ ଯାଇ ମା ଙ୍କର ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ । ସୀମନ୍ତିନୀ ମହିଳାମାନେ ମନ୍ଦିର ବେଢାରେ ନିଜ ସ୍ୱାମୀ ଓ ପରିବାର ର ମଙ୍ଗଳ କାମନା କରି ପନ୍ଥେଇ ପୂଜା କରିଥିଲେ । ଦିନ ପ୍ରାୟ ୧ଟା ବେଳକୁ ଝଙ୍କଡ ପୀଠ ରୁ ଆସିଥିବା ରାଉଳ ସେବକ ମାନେ ଓ ସ୍ଥାନୀୟ ଅଞ୍ଚଳ ର ଭୋଇ ପାଟୁଆ ମାନେ ଏକ ଶୋଭାଯାତ୍ରା ରେ ପ୍ରାଚୀ ନଦୀ ର ଘଣ୍ଟ ତୋଳା ତୁଠ କୁ ଯାଇ ପାଣି ତୋଳି ମନ୍ଦିରର ପୂର୍ବ ଦ୍ୱାରରେ ଥିବା ଅଗ୍ନିପୂର୍ଣ୍ଣ ଗର୍ତ୍ତରେ ଚାଲିଥିଲେ, ଯାହାକୁ ଝାମୁ ଚାଲିବା କୁହାଯାଏ । ମା ଙ୍କର ଆଜ୍ଞାମାଳ ପାଇବା ପର ପାଟୁଆ ମାନେ ଘଣ୍ଟ, ଢୋଲ ଓ କାହାଳୀ ହରିବୋଲ, ହୁଳହୁଳି ଏବଂ ପାରମ୍ପରିକ ବାଦ୍ୟର ତାଳେ ତାଳେ ଘଣ୍ଟ ପାଟୁଆ ନୃତ୍ୟ କରିଥିଲେ । ମଧ୍ୟରାତ୍ରି ସମୟରେ କାଳିକା ନୃତ୍ୟ ଅନୁଷ୍ଠିତ ହୋଇଥିଲା । ଜଣେ ଖମାରେଇ ସେବକ ନିଜକୁ ମହାକାଳୀ ବେଶରେ ସଜ୍ଜିତ କରି ଖଡ୍ଗ ଧାରଣ ପୂର୍ବକ ଘଣ୍ଟ, ଢୋଲ, ମହୁରୀ, ମଶାଲ ମଧ୍ୟରେ ମା ଙ୍କ ଆଜ୍ଞାମାଳ ପାଇବା ପରେ ମନ୍ଦିର ବେଢ଼ାରେ ଓ ସେବକ ସାହି ଦାଣ୍ଡ ରେ କାଳିକା ନୃତ୍ୟ ପ୍ରଦର୍ଶନ କରିଥିଲେ । ତା ପରେ ରାତ୍ରି ଧୂପ, ଗୀତଗୋବିନ୍ଦ ପାଠ ଓ ବଡସିଂହାର ପରେ ଭ୍ରମଣୀ ନୀତି ଅନୁଷ୍ଠିତ ହୋଇଥିଲା ।ମା' ଙ୍କର ବଡସିଂହାର ଧୂପ ସରିବା ପରେ ମନ୍ଦିର ପହୁଡ଼ ପଡିଥିଲା । ଦିନରେ ପାଟୁଆ ନୃତ୍ୟ ଓ ରାତିରେ କାଳିକା ନୃତ୍ୟ ଦେଖି ମାତୃ ଭକ୍ତ ମାନେ ବିମୋହିତ ହୋଇ ପଡ଼ିଥିଲେ । ଝାମୁଯାତ୍ରା ପାଇଁ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଅପର ପକ୍ଷରେ ପ୍ରବଳ ଭିଡ଼ ଭିତରେ କିଛି ଭକ୍ତ ମାନଙ୍କର ସୁନା ଚେନ ଓ ମନି ପର୍ସ ଲୁଟ ହୋଇଥିବାବେଳେ ଭୁବନେଶ୍ୱର ଓ଼ଲ୍ଡଟାଉନରୁ ଆସିଥିବା ଜନୈକ ମହିଳାଙ୍କ ବେକରୁ ଚେନ ଲୁଟ ହେଇଥିବା ସମୟରେ ମହିଳା ଜଣଙ୍କ ଲୁଟେରାକୁ କାବୁ କରି କାକଟପୁର ପୋଲିସ ଜିମାରେ ଦେଇଥିଲେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡିଛି ।

# ଝାମୁଯାତ୍ରାରେ ବିଭିନ୍ନ ସଂଗଠନ ପକ୍ଷରୁ ମାଗଣା ପ୍ରସାଦ ସେବନ

ଭୁବନେଶ୍ୱର,(ପି.ଏନ): ଝାମୁଯାତ୍ରାରେ ବିଭିନ୍ନ ସଂଗଠନ ପକ୍ଷରୁ ମାଗଣା ପ୍ରସାଦ ସେବନ ଓ ଜଳଛତ୍ର, କାକଟପୁର ତା ୨୩/୦୪, ଆଜି ପବିତ୍ର ଝାମୁଯାତ୍ରା ଅବସରରେ କାକଟପୁର ଉତ୍ସବ ମୁଖର ହୋଇପଡ଼ିଥିବାବେଳେ ପ୍ରବଳ ଗ୍ରୀଷ୍ମ କୁ ଖାତିର ନକରି ମାତୃଭକ୍ତଙ୍କ ସମାଗମରେ କାକଟପୁର ଲୋକାରଣ୍ୟ ହୋଇପଡ଼ିଥିଲା । ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ମାଗଣାରେ ପ୍ରସାଦ ଓ ଦହି ସର୍ବତ ବଣ୍ଟନ କରାଯାଇଥିଲା କ୍ଷ ଦିବା ୮ ଘଟିକା ବେଳକୁ କାକଟପୁର ମୁଖ୍ୟ ବଜାରରେ ଥିବା ନୀଳାଦ୍ରୀ ଗ୍ରୁପ ଓ ଆରତୀ ଡେଭେଲପମେଣ୍ଟ ସେଣ୍ଟରର ସୌମ୍ୟରଞ୍ଜନ ଦାଶ, ଅନିଲ କବି ଶତପଥୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଭକ୍ତ ମାନଙ୍କୁ ଖେଚୁଡ଼ି, ଡାଲମା ଓ ଦହି ସର୍ବତ ବଣ୍ଟନ କରାଯାଇଥିଲା କ୍ଷ ସେହିପରି ପ୍ରାଚୀ ୟୁଥ ସୋସିଆଲ ଅର୍ଗନାଇଜେସନ, ମା ମଙ୍ଗଳା ଡ୍ରାଇଭର ଆସୋସିଏସନ, ସାଇ ସେବା ଟ୍ରଷ୍ଟ, କେ ବି ଇ ଏମ ଇଂରାଜୀ ମାଧ୍ୟମ ସ୍କୁଲ, ଶିକ୍ଷାର ବିକାଶ ଏଜୁକେଶନାଲ ଟ୍ରଷ୍ଟ




ଦିବ୍ୟରଞ୍ଜନ ସାହୁ ,ଲକ୍ଷ୍ମୀପ୍ରିୟା ବିଶ୍ୱାଳ,କାକଟପୁର ଥାନା ପକ୍ଷରୁ ନିମାପଡା ଆରକ୍ଷୀ ଉପଖଣ୍ଡ ଅଧିକାରୀ ପ୍ରଭାତ ରଞ୍ଜନ ମଲ୍ଲିକ କାକଟପୁର ଥାନା ଆଇଆଇସି ବିଜୟ କେତନ ବେହେରା, ଏ ଏସ ଆଇ ପ୍ରମୋଦ କୁମାର ସେଠୀ ,କଣ୍ଟ୍ରାକ୍ଟର ଆସୋସିଏସନ ପକ୍ଷରୁ ସ୍ୱାଧୀନ କୁମାର ପ୍ରଧାନ, ବିଜନ କୁମାର ପରିଡାଙ୍କ ସହଯୋଗ ରେ ଅନୁଷ୍ଠାନ ୫ ହଜାର ଭକ୍ତ ମାନଙ୍କ ପାଇଁ ମାଗଣା ପ୍ରସାଦ ସେବା ସହିତ ଦହି ସର୍ବତ ବଣ୍ଟନ କରାଯାଇଥିଲା ।

# ସରସ୍ୱତୀ ସରକାରୀ ହାଇସ୍କୁଲରେ ନିରାପତ୍ତା ଏବଂ ସୁରକ୍ଷା ସମ୍ପର୍କିତ କର୍ମଶାଳା





କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଦେପୁରସ୍ଥିତ ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିରାପତ୍ତା ଓ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ମୋ ସ୍କୁଲ ଅଭିଯାନ ସଭାପତି ଡ. ଉପେନ୍ଦ୍ର ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମନୋଜ କୁମାର ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । କେନ୍ଦ୍ରାପଡା ଅଗ୍ନିଶମ ବିଭାଗର ସହକାରୀ ଅଗ୍ନିଶମ ଅଧିକାରୀ ନିରଞ୍ଜନ ମନ୍ତ୍ରୀଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ ଏହି କର୍ମଶାଳାରେ ଯୋଗଦେଇ ନିରାପତ୍ତା ଏବଂ ସୁରକ୍ଷା ସମ୍ପର୍କରେ ଉପସ୍ଥିତ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିବା ସହିତ ବହୁ ଶିକ୍ଷଣୀୟ ଉପଦେଶମାନ ଦେଇଥିଲେ । ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ କିପରି ଅଗ୍ନିକୁ ଆୟତ କରାଯାଇପାରିବ ଏବଂ ଜରୁରୀ ସମୟରେ କିପରି ୧୧୨ନମ୍ବରକୁ ଫୋନ କରି ଆବଶ୍ୟକ ସେବାପ୍ରାପ୍ତ କରାଯାଇପାରିବ ସେ ସମ୍ପର୍କରେ ବତାଇ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକ ବଜ୍ରପାତ ବେଳେ କି ପ୍ରକାର ପଦକ୍ଷେପ ନିଆଯିବା ଉଚିତ, ବରିଷ୍ଠ ଶିକ୍ଷୟିତ୍ରୀ ମଧୁସ୍ମିତା ଲେଙ୍କା ସାପ କାମୁଡିଦେଲେ ପ୍ରଥମେ କିଭଳି ପ୍ରାଥମିକ ଚିକିତ୍ସା କରାଯିବା କଥା, ଶିକ୍ଷୟିତ୍ରୀ ସବିତା ରାଉତ ଗ୍ରୀଷ୍ମପ୍ରବାହରେ ଅଂଶୁଘାତରୁ ସୁରକ୍ଷା ପାଇଁ ପ୍ରାଥମିକ ଉପଚାର କିଭଳି କରାଯିବା କଥା ସେ ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟର ଇକୋ କ୍ଲବ ସଂଯୋଜକ ଶିକ୍ଷକ ସନ୍ତୋଷ କୁମାର ଜେନା ପ୍ରଚଣ୍ଡ ଗ୍ରୀଷ୍ମରେ ରୌଦ୍ରତାପକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷରୋପଣର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ । ପରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକଙ୍କ ନେତୃତ୍ୱରେ ବିଦ୍ୟାଳୟର ହତା ମଧ୍ୟରେ ଏବଂ ବାହାରେ ଦେବଦାରୁ, ତାଳ ପ୍ରଭୃତି ବିଭିନ୍ନ ବୃକ୍ଷର ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ସୁଜାତା ସାହୁ, ସାବିତ୍ରୀ ସାହୁ, ଆରତୀ ଖଟୁଆ, ଲକ୍ଷ୍ମୀ ନାୟକ, ଜୟନ୍ତୀ କୁମାରୀ ମହାନ୍ତି, ଦୀପା ରାଉତରାୟ, ଶଙ୍କର୍ଷଣ ମେକାପ, ରାଇସନ ମାରାଣ୍ଡୀ, ଦିବ୍ୟଜ୍ୟୋତି ଦାସ, ମାନସ କୁମାର ତରାଇ ପ୍ରମୁଖ ସହଯୋଗ କରିଥିଲେ । ସର୍ବଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମହେଶ୍ୱର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ)ର କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ କମ୍ରେଡ ସୌଭାଗ୍ୟ କେତନ ସାମଲଙ୍କୁ ସହଯୋଗ ପାଇଁ ସାମ୍ବାଦିକ ସମ୍ମିଳନୀ




କେନ୍ଦ୍ରାପଡ଼ା,(ପି.ଏନ): ଏସ୍.ୟୁ.ସି.ଆଇ(ସି) ପାର୍ଟି ପକ୍ଷରୁ କେନ୍ଦ୍ରାପଡା ସହରର ହାଇସ୍କୁଲ ଛକ ନିକଟସ୍ଥ ଗୋକୁଳ ଚନ୍ଦ୍ର ସଂଗୀତ ସଦନ ପରିସରରେ ଦଳର କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ସୌଭାଗ୍ୟ କେତନ ସାମଲଙ୍କୁ ସହଯୋଗ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସ୍.ୟୁ.ସି.ଆଇ(ସି) ରାଜ୍ୟ କମିଟି ସମ୍ପାଦକ କମ୍ରେଡ ଶଙ୍କର ଦାଶଗୁପ୍ତା, ରାଜ୍ୟ କମିଟି ସଦସ୍ୟ କମ୍ରେଡ ବିଭୂତି ନାୟକ, କେନ୍ଦ୍ରାପଡା ଆ ଳିକ କମିଟିର ସମ୍ପାଦିକା କମ୍ରେଡ ଏଲିନା ସାମନ୍ତରାଏ ଓ ମହିଳାନେତ୍ରୀ କମ୍ରେଡ ହିରାମଣୀ ରାଉତ ପ୍ରମୁଖ ଯୋଗଦେଇ କହିଥିଲେ ଯେ ଏସ୍.ୟୁ.ସି.ଆଇ(ସି) ପାର୍ଟି ପକ୍ଷରୁ ଦେଶର ୧୯ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅ ଳର ୧୫୧ଟି ଲୋକସଭା ଆସନରେ ପ୍ରତିଦ୍ୱନ୍ଦିତା କରାଯାଉଛି । ସେଥିମଧ୍ୟରୁ ଆମ ରାଜ୍ୟରେ ପାର୍ଟି ପକ୍ଷରୁ ୧୬ଟି ଲୋକସଭା ଓ ୨୮ଟି ବିଧାନସଭା ଆସନରେ ପ୍ରାର୍ଥୀ ମନୋନିତ କରାଯାଇଛି । ତନ୍ମଧ୍ୟରୁ କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳୀରେ ଏସ୍.ୟୁ.ସି.ଆଇ(ସି) ମଧ୍ୟ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ ହୋଇଛି । ଆମେ ଲକ୍ଷ୍ୟ କରୁଛୁ ସ୍ୱାଧୀନତା ପରେ ବହୁ ନିର୍ବାଚନ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଜନଗଣଙ୍କର କୌଣସି ମୌଳିକ ସମସ୍ୟାର ସମାଧାନ ହୋଇନାହିଁ । ଏପରିକି ଆମର ନଦୀ, ନଦ, ସମୁଦ୍ର ଘେରା କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ଗାଁକୁ ମୁନ୍ଦେ ପିଇବା ପାଣି ସରକାର ଯୋଗାଇ ପାରିନାହାନ୍ତି । ଅଥଚ ଖରସ୍ରୋତା ନଦୀର ଜଳକୁ କର୍ପୋରେଟ ସଂସ୍ଥାକୁ ଯୋଗାଇଦେବା ପାଇଁ ଯୋଜନା ଚାଲିଛି । ଆଜି ବି ବ୍ରାହ୍ମଣୀ, ଖରସ୍ରୋତା, ଲୁଣା, ଚିତ୍ରୋତ୍ପଳା, କରାଣ୍ଡିଆର ବନ୍ୟା ପ୍ରତିବର୍ଷ ମଣିଷକୁ ଆତଙ୍କିତ କରୁଛି । ସାମୁହିକ ଜୁଆରକୁ ରୋକିବା ପାଇଁ କୋଷ୍ଟାଲ ହାଇୱେ ସୁଦୁର ପରାହତ । କେନ୍ଦ୍ରାପଡାର ଯୁବକ ଦାଦନ ଖଟିବାକୁ ଆଜି ସାରା ପୃଥିବୀରେ ଘୁରି ବୁଲୁଛି । ପଡୋଶୀ ଯାଜପୁର ଜିଲ୍ଲାର ଧାନମଣ୍ଡଳ ଝୋଟମିଲ ବନ୍ଦ ହୋଇଯିବା ପରେ କେନ୍ଦ୍ରାପଡା ଜିଲ୍ଲାର ଚାଷୀର ଅର୍ଥକାରୀ ଝୋଟ ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଛି । ଆଜି ବି ଜଳସେଚନ ଅଭାବରୁ ଚାଷୀ ଚାଷ ପାଇଁ ଚାତକ ପରି ଆକାଶକୁ ଚାହିଁ ରହିଛି । ଜିଲ୍ଲାର ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ଓ ସ୍କୁଲ, କଲେଜରେ ଶିକ୍ଷକ, ଅଧ୍ୟାପକ ଅଭାବ ଯୋଗୁଁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସାଧାରଣ ଲୋକଙ୍କ ପାଖରେ ଅପହ । ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ କେନ୍ଦ୍ରାପଡା ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟକୁ ଏକ ମେଡିକାଲ କଲେଜରେ ପରିଣତ କରିବା ଅତ୍ୟନ୍ତ ଜରୁରୀ ଅଟେ । ଗମନାଗମନ ପାଇଁ ସ୍ୱାଧିନତାର ୭୫ବର୍ଷ ପରେ ମଧ୍ୟ କେନ୍ଦ୍ରାପଡାକୁ ଯାତ୍ରୀବାହୀ ରେଳ ଚଳାଚଳର ବ୍ୟବସ୍ଥା ହୋଇପାରିଲାନାହିଁ । କେନ୍ଦ୍ରାପଡା ଜିଲ୍ଲାରେ ଗତ ଶତାବ୍ଦୀର ଅଶୀଦଶକରୁ ଏସ୍.ୟୁ.ସି.ଆଇ(ସି) ପାର୍ଟି ତାହାର କାର୍ଯ୍ୟକ୍ରମ ଚଳାଇ ଆସିଛି । ବହୁ ଗଣ ଆନ୍ଦୋଳନରେ ଏକକ ଭାବେ ବା ମିଳିତ ଭାବେ ଉଲ୍ଲେଖନୀୟ ଭୂମିକା ପାଳନ କରିଆସିଛି । ସେଥିମଧ୍ୟରୁ ପଶ୍ଚିମ କନିକା ଘେରିବନ୍ଧ ଆନ୍ଦୋଳନ, ଖରସ୍ରୋତାରେ ବନ୍ୟା ନିୟନ୍ତ୍ରଣ ପାଇଁ ମଦନ-ଆୟତପୁର କଟ୍ ନିର୍ମାଣ ଦାବିରେ ଆନ୍ଦୋଳନ, ଖରସ୍ରୋତା ବ ।ଅ ଆନ୍ଦୋଳନ, ନମତରାର ଗୁଳିକାଣ୍ଡ ପ୍ରତିବାଦରେ ଆନ୍ଦୋଳନ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏଣୁ ଜନସାଧାରଣଙ୍କ ନ୍ୟାର୍ଯ୍ୟ ଦାବିରେ ଗଣ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଏସ୍.ୟୁ.ସି.ଆଇ(ସି) ପ୍ରାର୍ଥୀ ସୌଭାଗ୍ୟ କେତନ ସାମଲଙ୍କୁ ଜୟଯୁକ୍ତ କରାଇବା ପାଇଁ ଏସ୍.ୟୁ.ସି.ଆଇ(ସି) ରାଜ୍ୟ କମିଟି ସମ୍ପାଦକ କମ୍ରେଡ ଶଙ୍କର ଦାଶଗୁପ୍ତା, ରାଜ୍ୟ କମିଟି ସଦସ୍ୟ କମ୍ରେଡ ବିଭୂତି ନାୟକ, କେନ୍ଦ୍ରାପଡା ଆ ଳିକ କମିଟିର ସମ୍ପାଦିକା କମ୍ରେଡ ଏଲିନା ସାମନ୍ତରାଏ ଓ ମହିଳାନେତ୍ରୀ କମ୍ରେଡ ହିରାମଣୀ ରାଉତ ନିବେଦନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱୟଂପ୍ରଭା ନାୟକ, ବିଭୂତି ନାୟକ, ସୌଭାଗ୍ୟ କେତନ ସାମଲ, ରମାକାନ୍ତ ନାୟକ, ସୁରଥ ଚନ୍ଦ୍ର ମଲ୍ଲିକ, କ୍ଷୀରୋଦ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray